Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ସ୍ୱରାଘାତ

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Vol - 21 ✢ Issue No:342 ✢ 11 April 2026 (Saturday) ✢ Rourkela ✢ Rs.2.00 ✢ Page -1 ✢ ୨୧ ବର୍ଷ ✢ ସଂଖ୍ୟା:୩୪୨ ✢ ୧୧ ଏପ୍ରିଲ ୨୦୨୬ (ଶନିବାର) ✢ ରାଉରକେଲା ✢ ମୂଲ୍ୟ:ଟ.୨.୦୦ ✢ ପୃଷ୍ଠା-୬

୧୧ଟି ପ୍ରସ୍ତାବ ଉପରେ କ୍ୟାବିନେଟ ମୋହର

ଜଳ ସମ୍ପଦ ବିଭାଗର ୫ ଟେଣ୍ଡରକୁ ଅନୁମତି, ୩୧୮ ବସଷ୍ଟାଣ୍ଡର ହେବ ଉନ୍ନତୀକରଣ

ଭୁବନେଶ୍ୱର,୧୦/୪(ନି/ପ୍ର): ସରିଲା ରାଜ୍ୟ କ୍ୟାବିନେଟ ବୈଠକ। ୫ଟି ବିଭାଗର ୧୧ଟି ପ୍ରସ୍ତାବ ଉପରେ ମୋହର। ଜଳ ସମ୍ପଦ ବିଭାଗର ୫ଟି ଟେଣ୍ଡରକୁ ଅନୁମତି ମିଳିଛି। ପାର୍ବତୀଗିରି ମେଗା ଜଳପ୍ରକଳ୍ପକୁ ଗୁରୁତ୍ୱ ଦିଆଯାଇଛି। ଏହି ଜଳ ପ୍ରକଳ୍ପ ଦ୍ୱାରା ୬୧୨୦ ହେକ୍ଟର ଜମି ଜଳସେଚିତ ହେବ। ଏହାଦ୍ୱାରା ସମ୍ବଲପୁରର ୧୪ଟି ଗାଁ ଉପକୃତ ହେବେ। ସେହିପରି ଅଟଳ ବସଷ୍ଟାଣ୍ଡ ପାଇଁ ୩୪୦୦ କୋଟିର ବ୍ୟୟ ଅଟକଳ କରାଯାଇଛି। ୩୧୮ଟି ବସଷ୍ଟାଣ୍ଡର ଉନ୍ନତୀକରଣ ହେବ। ଏନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସୂଚନା ଦେଇଛନ୍ତି। କ୍ୟାବିନେଟରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପରିଚାଳନା ଏବଂ ରକ୍ଷଣାବେକ୍ଷଣା ନୀତି ୨୦୨୬କୁ ଅନୁମୋଦନ ମିଳିଛି। ଏହି ନୀତିରେ ପ୍ରକଳ୍ପ ସରିବା ପରେ ତାର ରକ୍ଷଣାବେକ୍ଷଣା ପାଇଁ ଦାୟିତ୍ୱ ବଂଟନ ହୋଇଛି। ଏଥିରେ ପଚାଂୟତ ଗ୍ରାମବାସୀଙ୍କର କ'ଣ ଦାୟିତ୍ୱ ରହିବ, ମନିଟରିଙ୍ଗ କେମିତି ହେବ, କେତେ ଟଙ୍କା ଦିଆଯିବ ସବୁ କିଛି ନୀତିରେ ଉଲ୍ଲେଖ ରହିଛି। ଏହା ବାଦ୍ ୩୪୦୦ କୋଟି ଅଟଳ ବସଷ୍ଟାଣ୍ଡ ଯୋଜନାକୁ କ୍ୟାବିନେଟ ମୋହର ବାଜିଛି। ରାଜ୍ୟରେ ନିର୍ମାଣ ହେଉଥିବା ୩୧୮ ବସଷ୍ଟାଣ୍ଡ ସମନ୍ୱୟରେ କରାଯିବ। ଏହା ସହ ଜଳସମ୍ପଦ ବିଭାଗର ୫ ଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। କଟକର ୧୩୫ କୋଟି ହାଡୁଆ ଜଳସେଚନ ପ୍ରକଳ୍ପ, ଯାହା ବଡୟାର ୭୬ ଗାଁ, ନରସିଂହପୁର ଓ ତିଗିରିଆର ୫ଟି ଲେଖାଏଁ ଗାଁର ମୋଟ ୩୬୦୦ ହେକ୍ଟର ଜମିରେ ପାଣି ମାଡ଼ିବ। ସେହିପରି ୨୦୪ କୋଟିର ପାର୍ବତୀଗିରି ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପରେ ସମ୍ବଲପୁରରେ ୬୨୧୦ ହେକ୍ଟର ଜମି ଜଳସେଚିତ ହେବ। ସୋନପୁର ତେଲ ନଦୀରେ ୧୭୦ କୋଟିର କ୍ଲଷ୍ଟର ଦ୍ୱାରା ୩୦ ପ୍ରକଳ୍ପରେ ୬ହଜାର ହେକ୍ଟର ଜମି ଜଳସେଚିତ ହେବ। ୧୫୮ କୋଟିର ଯାଜପୁର ଖରାସୁଆ, ବ୍ରାହ୍ମଣୀ ନଦୀରେ କ୍ଲଷ୍ଟର ୩୭ ପ୍ରକଳ୍ପ ଦ୍ୱାରା ୬ ହଜାର ହେକ୍ଟର ୭୩ ଗାଁ ପାଣି ପାଇବ। କେନ୍ଦୁଝରରେ ୯୩ କୋଟି ବ୍ୟୟରେ କ୍ଲଷ୍ଟରରେ ୩୮ ପ୍ରକଳ୍ପ ଯାହାଦ୍ୱାରା ୪୨୮୦ ହେକ୍ଟର ପାନପୁର ଅଂଚଳରେ ଜମି ଜଳସେଚିତ ହେବ। କେନ୍ଦୁଝରରେ ୧୬୪୭ କୋଟିର ବ୍ୟୟରେ ନୂଆ ୨*୫୦୦ ଏମଭିଏ ସବ ଷ୍ଟେସନକୁ ଅନୁମୋଦନ ମିଳିଛି। ଯାହାର କାମ ୩ ବର୍ଷରେ ସରିବ। ଏହା ସହ ଚାକିରୀ ସର୍ତବଳିରେ ସଂଶୋଧନ, କ୍ୟାଡର ରୁଲ ପରିବର୍ତନ ଶ୍ରମ ବିଭାଗର ୩ ପ୍ରସ୍ତାବ ପାରିତ ହୋଇଛି।

ରାଫେଲ୍ ଡିଲ୍‌ରେ ଭାରତର 'ମାଷ୍ଟର ଷ୍ଟ୍ରୋକ୍'

୩.୨୫ ଲକ୍ଷ କୋଟିର ଚୁକ୍ତି ପାଇଁ ଫ୍ରାନ୍ସ ଆଗରେ ରଖିଲା କଡ଼ା ସର୍ତ

ନୂଆଦିଲ୍ଲୀ,୧୦/୪: ଭାରତୀୟ ବାୟୁସେନାର ଶକ୍ତି ବୃଦ୍ଧି ପାଇଁ ହେବାକୁ ଯାଉଥିବା ୧୧୪ଟି ରାଫେଲ୍ ଯୁଦ୍ଧ ବିମାନ କ୍ରୟ ପ୍ରକ୍ରିୟାରେ ଭାରତ ସରକାର ଏକ ବଡ଼ ସର୍ତ୍ତ ଯୋଡ଼ିବାକୁ ଯାଉଛନ୍ତି। ଏହି ସର୍ତ୍ତ ଅନୁଯାୟୀ, ରାଫେଲ୍ ବିମାନରେ ଭାରତରେ ନିର୍ମିତ ସ୍ୱଦେଶୀ ମିସାଇଲ୍ ଏବଂ ଅସ୍ତ୍ରଶସ୍ତ୍ର ପ୍ରଣାଳୀ ସହଜରେ ଲଗାଯାଇପାରିବ। ଏଥିପାଇଁ ଭାରତ ସରକାର ଇଣ୍ଟରଫେସ୍ କଣ୍ଟ୍ରୋଲ୍ ଡକ୍ୟୁମେଣ୍ଟକୁ ଏହି ଚୁକ୍ତିର ଏକ ଅଂଶ କରିବାକୁ ଯାଉଛନ୍ତି। ଇଣ୍ଟରଫେସ୍ କଣ୍ଟ୍ରୋଲ୍ ଡକ୍ୟୁମେଣ୍ଟ ହେଉଛି ଏକ ବୈଷୟିକ ଦସ୍ତାବିଜ୍, ଯାହା ବିମାନ ଏବଂ ଏଥିରେ ଲାଗିବାକୁ ଥିବା ବିଭିନ୍ନ ଯନ୍ତ୍ରପାତି ମଧ୍ୟରେ ତାଳମେଳ କିପରି ରହିବ ତାହା ସ୍ଥିର କରେ। ସରଳ ଭାଷାରେ କହିଲେ, ଏହା ସୁନିଶ୍ଚିତ କରିବ ଯେ ଫ୍ରାନ୍ସରୁ ଆସୁଥିବା ରାଫେଲ୍ ବିମାନରେ ଭାରତୀୟ ଅସ୍ତ୍ରଶସ୍ତ୍ର ଯେପରିକି 'ଅସ୍ତ୍ର' ମିସାଇଲ୍ ସଠିକ୍ ଭାବରେ କାମ କରିପାରିବ। ଏହି ବିଶାଳ ପ୍ରତିରକ୍ଷା ଚୁକ୍ତିର ମୂଲ୍ୟ ପ୍ରାୟ ୩.୨୫ ଲକ୍ଷ କୋଟି ଟଙ୍କା ବୋଲି ଆକଳନ କରାଯାଇଛି। ଚୁକ୍ତି ଅନୁଯାୟୀ ୧୮ଟି ବିମାନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅବସ୍ଥାରେ ସିଧାସଳଖ ଫ୍ରାନ୍ସରୁ ଆସିବ। ୯୬ଟି ବିମାନ ଭାରତରେ ନିର୍ମାଣ କରାଯାଇ ପ୍ରସ୍ତୁତ ହେବ। ଏହି ୯୬ଟି ବିମାନର ଅତିକମରେ ୨୫% ଅଂଶ ସମ୍ପୂର୍ଣ୍ଣ ଭାବେ ଭାରତୀୟ ଜ୍ଞାନକୌଶଳରେ ନିର୍ମିତ ହେବ। ପ୍ରତିରକ୍ଷା ମନ୍ତ୍ରଣାଳୟ ଆସନ୍ତା ମାସରେ ଫ୍ରାନ୍ସର କମ୍ପାନୀ 'ଡାସଲ୍ଟ ଆଭିଏସନ'କୁ ପ୍ରସ୍ତାବ ପଠାଇବାକୁ ଯାଉଛି। ଏହି ଚୁକ୍ତିକୁ ଗତ ଫେବୃଆରୀ ୧୨ ତାରିଖରେ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡଇଉ) ପକ୍ଷରୁ ମଞ୍ଜୁରୀ ମିଳିସାରିଛି। ଏହା ମଧ୍ୟ ଚର୍ଚ୍ଚା ହେଉଥିଲା ଯେ ଫ୍ରାନ୍ସ କମ୍ପାନୀ ରାଫେଲର ସୋର୍ସ କୋଡ୍ ଦେବାକୁ ମନା କରିଛି। ତେବେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ କୌଣସି ବି ଦେଶ ନିଜ ଯୁଦ୍ଧ ବିମାନର ସୋର୍ସ କୋଡ୍ ଅନ୍ୟ କାହାକୁ ଦିଏ ନାହିଁ। ଏହା କମ୍ପାନୀର ବୌଦ୍ଧିକ ସମ୍ପତି ଏବଂ ଏଥିରେ ବିମାନର ରାଡାର, ଟାର୍ଗେଟିଂ ଏବଂ ଫ୍ଲାଇଟ୍ କଣ୍ଟ୍ରୋଲ୍ ଭଳି ଗୁପ୍ତ ତଥ୍ୟ ଥାଏ। ରୁଷ୍ ଏବଂ ଆମେରିକା ଭଳି ବନ୍ଧୁ ରାଷ୍ଟ୍ର ମଧ୍ୟ ଏହି ସୋର୍ସ କୋଡ୍ ସେୟାର କରନ୍ତି ନାହିଁ। ଭାରତ ବର୍ତ୍ତମାନ କେବଳ ବିଦେଶୀ ବିମାନ କିଣିବାକୁ ଚାହୁଁନାହିଁ, ବରଂ ସ୍ୱଦେଶୀ ପ୍ରତିରକ୍ଷା କ୍ଷମତା ବଢ଼ାଇବାକୁ ଲକ୍ଷ୍ୟ ରଖିଛି। ତେଣୁ ରାଫେଲ୍ ଡିଲ୍ ସହ ଈରହବସ୍ଥ ଗଳ୧ଇ ଏବଂ ଭବିଷ୍ୟତର ଇଗଉଇ ପ୍ରକଳ୍ପ ଉପରେ ମଧ୍ୟ ସରକାର ଜୋର ଦେଉଛନ୍ତି। ଏହି ଓଉଉ ସର୍ତ୍ତ ମାଧ୍ୟମରେ ଭାରତୀୟ ବାୟୁସେନା ଏକ ଶକ୍ତିଶାଳୀ ଏବଂ ଆଧୁନିକ ବଳ ଭାବେ ଉଭା ହେବ, ଯେଉଁଠି ବିଦେଶୀ

ପାକିସ୍ତାନକୁ ଚେତାବନୀ ଦେଲା ଇସ୍ରାଏଲ୍: 'ଏଭଳି ପ୍ରତିକ୍ରିୟା ବରଦାସ୍ତ କରିବୁନି...'

ନୂଆଦିଲ୍ଲୀ,୧୦/୪: ଇରାନ-ଆମେରିକା ଭିତରେ ମଧ୍ୟସ୍ଥତା କରିବାକୁ ପଶି ଫସିଗଲା ପାକିସ୍ତାନ। ଗୋଟିଏ ପଟେ ଲେବନାନରେ ଇସ୍ରାଏଲର ମିଶାଇଲ୍ ବର୍ଷା ପରେ ସିଜଫାୟାର ଭାଙ୍ଗିବା ଖଣ୍ଡା ଝୁଲୁଥିବା ବେଳେ ଏବେ ପାକିସ୍ତାନ ବୈଦେଶିକ ମନ୍ତ୍ରୀଙ୍କ ବିବାଦୀୟ ବୟାନକୁ ନେଇ ରାଗି ଯାଇଛନ୍ତି ନେତନ୍ୟାହୁ। ଶୁକ୍ରବାର ପାକ୍ ମନ୍ତ୍ରୀ ଖ୍ୱାଜା ଆସିଫ୍ ଏକ ବିବାଦୀୟ ବୟାନ ଦେଇଥିଲେ। ଯାହାକୁ ନେଇ ଇସ୍ରାଏଲ୍ ରାଗି ଯାଇଛି ଏବଂ ଏଭଳି ପ୍ରତିକ୍ରିୟାକୁ ବରଦାସ୍ତ କରାଯିବ ନାହିଁ ବୋଲି ସ୍ପଷ୍ଟ ଭାବେ କହିଛି। ଲେବାନନ ଉପରେ ମିଶାଇଲ୍ ବର୍ଷା ନେଇ ପାକିସ୍ତାନ ବୈଦେଶିକ ମନ୍ତ୍ରୀ ଖ୍ୱାଜା ଆସିଫ୍ ଇସ୍ରାଏଲ୍ ଉପରେ ନରସଂହାର ଆରୋପ ଲଗାଇଥିଲେ। ସୋସିଆଲ ମିଡିଆରେ ପୋଷ୍ଟ କରି ସେ କହିଥିଲେ ଯେ, ଇସ୍ରାଏଲ ଖରାପ, ମାନବତା ପାଇଁ ଅଭିଶାପ ଏବଂ କ୍ୟାନସର। ଇସଲାମାବାଦରେ ଶାନ୍ତି ବାର୍ତ୍ତା ଚାଲିଥିବା ବେଳେ ଇସ୍ରାଏଲ୍ ଲେବାନନରେ ନରସଂହାର କରୁଛି। ନିର୍ଦ୍ଦୋଶ ନାଗରିକଙ୍କୁ ହତ୍ୟା କରୁଛି। ପ୍ରଥମେ ଗାଜା, ପରେ ଇରାନ ଏବଂ ଏବେ ଲେବାନନରେ ରକ୍ତ ସଙ୍ଘର୍ଷ ଚାଲିଛି। ଏହି ପୋଷ୍ଟ ପରେ ନେତନ୍ୟାହୁଙ୍କ କାର୍ଯ୍ୟାଳୟ ପକ୍ଷରୁ ପାକିସ୍ତାନ ମନ୍ତ୍ରୀଙ୍କୁ କଡ଼ା ଜବାବ ଦିଆଯାଇଛି। ଏଭଳି ପ୍ରତିକ୍ରିୟାକୁ କୌଣସି ସରକାର ପରଦାସ୍ତ କରିବେ ନାହିଁ ବୋଲି କୁହାଯାଇଛି। ଇସ୍ରାଏଲର ବୈଦେଶିକ ମନ୍ତ୍ରୀ ଗିଦୋନ ସାର ମଧ୍ୟ ଆସିଫଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ପାକ୍ ବୈଦେଶିକ ମନ୍ତ୍ରୀ ଇହୁଦୀ ବିରୋଧୀ। ଶାନ୍ତି ବାର୍ତ୍ତା ପାଇଁ ମଧ୍ୟସ୍ଥତା କରିବାକୁ ଦାବି କରୁଥିବା ଦେଶ ପାଇଁ ଏଭଳି ଟିପ୍ପଣୀ ଅନୁଚିତ୍। ଇସ୍ରାଏଲକୁ କ୍ୟାନ୍ସର କହିବା ତାଙ୍କ ପାଇଁ ଭାରି ପଡ଼ିପାରେ।

୨୦୨୭ରେ ହେବ ପଚାଂୟତ ନିର୍ବାଚନ:

ଭୁବନେଶ୍ୱର, ୧୦/୪(ନି/ପ୍ର): ୨୦୨୭ରେ ହେବ ପଚାଂୟତ ନିର୍ବାଚନ। ଆସନ ସଂରକ୍ଷଣ କରିବା ପାଇଁ ସବୁ ଜିଲ୍ଲାପାଳଙ୍କୁ ପଚାଂୟତିରାଜ ବିଭାଗର ଚିଠି। ୱାର୍ଡ ମେମ୍ବର, ସରପଚଂ ଓ ସମିତି ସଭ୍ୟ ଏବଂ ଜିଲ୍ଲା ପରିଷଦ ସଦସ୍ୟ ପାଇଁ ସଂରକ୍ଷଣ ସ୍ଥିର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏପ୍ରିଲ ୨୦୨୬ ସୁଦ୍ଧା ନିର୍ବାଚନ କମିଶନଙ୍କୁ ଚୂଡାନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାନୁଯାୟୀ, ୱାର୍ଡ ମେମ୍ବର, ସରପଚଂ ଓ ସମିତି ସଭ୍ୟରେ ସଂରକ୍ଷଣ ପାଇଁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଉପରେ ୧୭ ତାରିଖ ଭିତରେ ଅଭିଯୋଗ ଆବେଦନ କରିବେ। ୨୪ ତାରିଖ ସୁଦ୍ଧା ଅଭିଯୋଗ ଶୁଣାଣି କରି ୨୯ ସୁଦ୍ଧା ଚୂଡାନ୍ତ ସଂରକ୍ଷଣ ତାଲିକା ନିର୍ବାଚନ କମିଶନକୁ ଜଣାଇବେ। ସେହିପରି ଜିଲ୍ଲା ପରିଷଦ ସଦସ୍ୟରେ ସଂରକ୍ଷଣ ପାଇଁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଉପରେ ୧୭ ତାରିଖ ଭିତରେ ଅଭିଯୋଗ ଆବେଦନ ଏବଂ ୨୭ ତାରିଖ ସୁଦ୍ଧା ଅଭିଯୋଗ ଶୁଣାଣି କରିବେ। ୨୯ ତାରିଖ ସୁଦ୍ଧା ସରକାରଙ୍କ ଅନୁମୋଦନ କ୍ରମେ ୩୦ ସୁଦ୍ଧା ଚୂଡାନ୍ତ ସଂରକ୍ଷଣ ତାଲିକା ନିର୍ବାଚନ କମିଶନକୁ ଜଣାଇବେ। ଜିଲ୍ଲା ପରିଷଦ ଅଧକ୍ଷ ପାଇଁ ୧୩ରେ ଚିଠା ବିଜ୍ଞପ୍ତି ଏବଂ ୨୯ରେ ଚୂଡାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବ। ପୂର୍ବ ନିର୍ବାଚନ ସଂରକ୍ଷଣ ନୀତି ଅନୁସାରେ ୫୦ ପ୍ରତିଶତ ଭିତରେ ସଂରକ୍ଷଣ ରହିବ। ପଛୁଆ ବର୍ଗଙ୍କ ପାଇଁ ୨୭ପ୍ରତିଶତ ଯାଏଁ ସଂରକ୍ଷଣ ରହିବ। ମହିଳାଙ୍କ ପାଇଁ ୫୦ ପ୍ରତିଶତ ସିଟ୍ ସଂରକ୍ଷଣ ରହିବ।

ଶାନ୍ତି ଆଲୋଚନା ପୂର୍ବରୁ ତେଲ ଅଭିଭ-ଇସଲାମାବାଦ ମଧ୍ୟରେ ତୀବ୍ର କୂଟନୈତିକ ଯୁଦ୍ଧ

ଇସଲାମାବାଦ,୧୦/୪: ଇସଲାମାବାଦରେ ଆମେରିକା ଓ ଇରାନମଧ୍ୟରେ ଶାନ୍ତି ଆଲୋଚନା ପୂର୍ବରୁ ପାକିସ୍ତାନ ଓ ଇସ୍ରାଏଲ ମଧ୍ୟରେ ତୀବ୍ର କୂଟନୈତିକ ଯୁଦ୍ଧ ଦେଖିବାକୁ ମିଳିଛି। ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲର ଲେବାନନ୍ ଉପରେ ଆକ୍ରମଣକୁ ନରସଂହାର କହିଥିବାବେଳେ ଇସ୍ରାଏଲ ପାକିସ୍ତାନର ମଧ୍ୟସ୍ଥି ଭୂମିକାକୁ ନେଇ ପ୍ରଶ୍ନ ଉଠାଇଛି। ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ଆସିଫଙ୍କ ମନ୍ତବ୍ୟକୁ ଅପମାନଜନକ ବୋଲି କହିଛି। ବିଶେଷକରି ଏକ ଦେଶ ଚାଲିଥିବା ଶାନ୍ତି ପ୍ରୟାସରେ ନିଜକୁ ଏକ ନିରପେକ୍ଷ ରାଷ୍ଟ୍ର ଭାବରେ ଉପସ୍ଥାପନ କରୁଥିବାବେଳେ ଇସ୍ରାଏଲର ବିନାଶ ପାଇଁ ଏପରି ଆହ୍ୱାନ ଦେବାକୁ ସହ୍ୟ କରାଯାଇପାରିବ ନାହିଁ ବୋଲି ଇସ୍ରାଏଲ କହିଛି। ସୂଚନାଯୋଗ୍ୟ, ଆସିଫ୍‌ଙ୍କ 'ଏକ୍ସ'ରେ ଏକ ପୋଷ୍ଟକୁ ନେଇ ଝଡ଼ ସୃଷ୍ଟି ହୋଇଥିଲା। ସାମାଜିକ ଗଣମାଧ୍ୟମରେ ଏହି ପୋଷ୍ଟରେ ଆସିଫ୍ ଇସ୍ରାଏଲକୁ ଦୁଷ୍ଟ ରାଷ୍ଟ୍ର ଭାବେ ଉପସ୍ଥାପନ କରିବା ସହିତ ଏହାକୁ ମାନବତା ପାଇଁ ଅଭିଶାପ ଭାବରେ ବର୍ଣ୍ଣନା କରିଥିଲେ। ସେ କହିଥିଲେ ଯେ, ଇସଲାମାବାଦରେ ଶାନ୍ତି ଆଲୋଚନା ଚାଲିଥିବା ବେଳେ ଲେବାନନରେ ନରସଂହାର କରାଯାଉଛି। ଇସ୍ରାଏଲ ଦ୍ୱାରା ନିର୍ଦ୍ଦୋଷ ନାଗରିକଙ୍କୁ ହତ୍ୟା କରାଯାଉଛି, ପ୍ରଥମେ ଗାଜା, ତା'ପରେ ଇରାନ ଓ ଏବେ ଲେବାନନରେ ରକ୍ତପାତ ଅବିରତ ଜାରି ରହିଛି ବୋଲି ସେ ଲେଖିଥିଲେ। ଆହୁରି ବିବାଦୀୟ ମନ୍ତବ୍ୟ ଦେଇ ଆସିଫ କହିଥିଲେ ଯେ, ମୁଁ ଆଶା କରୁଛି ଏବଂ ପ୍ରାର୍ଥନା କରୁଛି ଯେ ଯେଉଁମାନେ ପାଲେଷ୍ଟାଇନ ଭୂମିରେ ଏହି କର୍କଟଗ୍ରସ୍ତ ରାଷ୍ଟ୍ର ସୃଷ୍ଟି କରିଛନ୍ତି ସେମାନେ ନର୍କରେ ଜଳନ୍ତୁ। ଆସିଫ୍‌ଙ୍କ ଏହି ବୟାନକୁ ତେଲ ଅଭିଭ ପକ୍ଷରୁ କଡ଼ା ସମାଲୋଚନା କରାଯାଇଥିଲା। ଇସ୍ରାଏଲର ବୈଦେଶିକ ମନ୍ତ୍ରୀ ଗିଡିଓନ ସାର ମଧ୍ୟ ପାକିସ୍ତାନକୁ ସମାଲୋଚନା କରିଥିଲେ। ସେ ପାକିସ୍ତାନକୁ ଟାର୍ଗେଟ କରି କହିଥିଲେ, ଗୋଟିଏ ପଟେ ଇସଲାମାବାଦ ଶାନ୍ତି ସ୍ଥାପନକାରୀ ବୋଲି ଦାବି କରୁଛି, ଅନ୍ୟପଟେ ଏହାର ମନ୍ତ୍ରୀମାନେ ବିଷ ଓଗାଳୁଛନ୍ତି। ଇସ୍ରାଏଲ ସ୍ପଷ୍ଟ ଭାବରେ କହିଛି ଯେ, ତେଲ ଅଭିଭ ନିଜର ସୁରକ୍ଷା କରିବାକୁ ଜାଣେ। ଇସ୍ରାଏଲର ଭର୍ତ୍ସନା ପରେ ଏହି ପୋଷ୍ଟ କରୁଥିବା ଆସିଫ୍ ଏବେ ନିରବ ରହିଛନ୍ତି। ଏହି ପ୍ରସଙ୍ଗ ପାକିସ୍ତାନ ପାଇଁ ସମସ୍ୟାଜନକ ହୋଇଯାଇଥିଲା। ଆମେରିକା-ଇରାନ ମଧ୍ୟରେ ଦୁଇ ସପ୍ତାହର ଯୁଦ୍ଧ ବିରତିର ସମସ୍ତ ଶ୍ରେୟ ପାକିସ୍ତାନ ନେବାକୁ ଚାହୁଁଛି। କିନ୍ତୁ ନିଜ ପ୍ରତିରକ୍ଷା ମନ୍ତ୍ରୀଙ୍କ ଏହି ବୟାନ ପାକିସ୍ତାନର ଭାବମୂର୍ତ୍ତୀକୁ ଅଧିକ କ୍ଷତିଗ୍ରସ୍ତ କରିଛି। ଇସ୍ରାଏଲ ପାକିସ୍ତାନର ଦୋମୁହାଁ ନୀତିକୁ ସମାଲୋଚନା କରିଥିବାବେଳେ ଇସଲାମାବାଦ ଓ ଆସିଫ୍ କ'ଣ ସଫେଇ ଦେଉଛନ୍ତି ତାହା ଦେଖିବାର ଅଛି।

ଯାନ୍ତ୍ରିକ ତ୍ରୁଟି :ଫେରିଆସିଲା ଏୟାର ଇଣ୍ଡିଆ ବିମାନ

ମୁମ୍ବଇ,୧୦/୪: ମୁମ୍ବଇରୁ ବେଙ୍ଗାଲୁରୁ ଅଭିମୁଖେ ଗୁରୁବାର ଉଡାଣ କରିଥିବା ଏୟାର ଇଣ୍ଡିଆ ବିମାନ ଏଆଇ୨୮୧୨ରେ ଯାନ୍ତ୍ରିକ ତ୍ରୁଟି ଦେଖାଯାଇଛି। ଉଡାଣର କିଛି ସମୟ ପରେ ଯାନ୍ତ୍ରିକ ତ୍ରୁଟି ଦେଖାଯିବାରୁ ବିମାନଟି ବେଙ୍ଗାଲୁରୁ ନ ଯାଇ ମୁମ୍ବଇ ଫେରିଆସିଥିଲା। ଏୟାର ଇଣ୍ଡିଆ ମୁଖପାତ୍ର କହିଛନ୍ତି ଯେ ବିମାନରେ ଯାନ୍ତ୍ରିକ ତ୍ରୁଟି ନେଇ ସନ୍ଦେହ ପ୍ରକାଶ ପାଇଥିଲା। ତେଣୁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରକ୍ରିୟା ଅନୁଯାୟୀ ବିମାନଟିକୁ ଫେରାଇ ଅଣାଯାଇଥିଲା। ବିମାନଟି ସୁରକ୍ଷିତ ଭାବେ ଅବତରଣ କରିଥିବାବେଳେ ଏଥିରେ ଥିବା ସମସ୍ତ ଯାତ୍ରୀ ଓ କର୍ମଚାରୀ ସୁରକ୍ଷିତ ଅଛନ୍ତି। ଅବତରଣ ପରେ ବିମାନର ସବିଶେଷ ବୈଷୟିକ ଯାଚଂ କରାଯାଉଛି। ବିମାନ ଉଡାଣରେ ଏପରି ଅସୁବିଧା ପାଇଁ ଏୟାର ଇଣ୍ଡିଆ ଏହାର ଯାତ୍ରୀଙ୍କ ନିକଟରେ ଦୁଃଖପ୍ରକାଶ କରିଛି। ଏୟାର ଇଣ୍ଡିଆ କହିଛି ଯେ ଯାତ୍ରୀ ଓ କର୍ମଚାରୀଙ୍କ ସୁରକ୍ଷା ଏହାର ସର୍ବପ୍ରଥମ ଗୁରୁତ୍ୱ।

ପାକିସ୍ତାନରେ ଶାନ୍ତି ଆଲୋଚନା ପୂର୍ବରୁ ଜେଡି ଭାନ୍ସଙ୍କ ସୁରକ୍ଷାକୁ ନେଇ ଚିନ୍ତା

ୱାସିଂଟନ,୧୦/୪: ଆମେରିକା ଓ ଇରାନ ମଧ୍ୟରେ ଶନିବାର ପାକିସ୍ତାନରେ ହେବାକୁ ଥିବା ଶାନ୍ତି ବାର୍ତା ପୂର୍ବରୁ ହ୍ୱାଇଟ୍ ହାଉସ୍‌ର ପୂର୍ବତନ ପ୍ରେସ୍ ସଚିବ ଏରି ଫ୍ଲେସର ଗମ୍ଭୀର ଚିନ୍ତା ପ୍ରକଟ କରିଚନ୍ତି। ଫ୍ଲେସର କହିଛନ୍ତି, ପାକିସ୍ତାନରେ ଆମେରିକା ଶାନ୍ତି ଆଲୋଚନାକାରୀ ବିଶେଷକରି ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ସୁରକ୍ଷାକୁ ନେଇ ଚିନ୍ତାର ଅନେକ କାରଣ ରହିଛି। ଅତୀତର ଉଦାହରଣ ଦେଇ ସେ ପାକିସ୍ତାନକୁ ଏକ ସଶସ୍ତ୍ର ଏବଂ ବିପଜ୍ଜନକ ରାଷ୍ଟ୍ର ଭାବରେ ବର୍ଣ୍ଣନା କରିଥିଲେ ଏବଂ ଯେଉଁଠାରେ ସରକାରଙ୍କର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ନାହିଁ। ଫ୍ଲେସର ମନେ ପକାଇଥିଲେ ଯେ ପାକିସ୍ତାନକୁ ଉଚ୍ଚସ୍ତରୀୟ ଗସ୍ତ ସର୍ବଦା ବିପଦପୂର୍ଣ୍ଣ ରହିଛି। ସେ ଦର୍ଶାଇଥିଲେ ଯେ, ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଂଟନ କେଉଁଠି ଅଛନ୍ତି ଯେମିତି କେହି ଜାଣିବେ ନାହିଁ ସେଥିପାଇଁ ତାଙ୍କ ଗସ୍ତ ସମୟରେ ଡିକୟ ବିମାନ ଉପରେ ନିର୍ଭର କରିବାକୁ ପଡୁଥିଲା ଏବଂ ଗୁପ୍ତ ଭାବରେ ବିମାନ ପରିବର୍ତନ କରିବାକୁ ପଡୁଥିଲା। ସେ ଆହୁରି ମଧ୍ୟ କହିଛନ୍ତି ଯେ, ସିକ୍ରେଟ୍ ସର୍ଭିସ୍ ୨୦୦୬ ମସିହାରେ ରାଷ୍ଟ୍ରପତି ବୁଶଙ୍କ ପାକିସ୍ତାନ ଗସ୍ତର ମଧ୍ୟ ବିରୋଧ କରିଥିଲା। ଏରି ଫ୍ଲେସରଙ୍କ ଅନୁଯାୟୀ, ଏହି ମିଶନ୍ ଆମେରିକା ସିକ୍ରେଟ୍ ସର୍ଭିସ୍ ଏବଂ ସାମରିକ ସୁରକ୍ଷା ପାଇଁ ଏକ ବଡ଼ ପରୀକ୍ଷା ହେବାକୁ ଯାଉଛି। ଅନ୍ୟପକ୍ଷରେ କୂଟନୈତିକ କ୍ଷେତ୍ରରେ ମଧ୍ୟ ଉତ୍ତେଜନା ବୃଦ୍ଧି ପାଇଛି। ବୁଧବାର ଆମେରିକା ଏବଂ ଇରାନ ଦୁଇ ସପ୍ତାହର ସର୍ତମୂଳକ ଅସ୍ତ୍ରବିରତି ପାଇଁ ରାଜି ହୋଇଥିଲେ ଏବଂ ଏହାକୁ ସ୍ଥାୟୀ ଶାନ୍ତିରେ ପରିଣତ କରିବା ପାଇଁ ଇସଲାମାବାଦରେ ଏକ ବୈଠକ ହେବ। ତଥାପି ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ଲେବାନନ ଉପରେ ଇସ୍ରାଏଲର ଆକ୍ରମଣ ପ୍ରାରମ୍ଭିକ ଅସ୍ତ୍ରବିରତି ଉଲ୍ଲଙ୍ଘନ ବୋଲି କହିଛନ୍ତି। ତେହେରାନ ସ୍ପଷ୍ଟ ଭାବରେ ଚେତାବନୀ ଦେଇଛି ଯେ, ଯଦି ଏହି ଆକ୍ରମଣ ବନ୍ଦ ନ ହୁଏ, ତେବେ ପାକିସ୍ତାନରେ ଆଲୋଚନା ଅର୍ଥହୀନ ହୋଇଯିବ। ଆଲୋଚନାର ସଫଳତା ଏବଂ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପାକିସ୍ତାନ ରାଜଧାନୀକୁ ଏକ ଛାଉଣୀରେ ପରିଣତ କରିଛି।

ଜଳ ଜୀବନ ମିସନ ଦୁର୍ନୀତି : ପୂର୍ବତନ ଆଇଏଏସ୍ ଅଧିକାରୀ ଗିରଫ

ଜୟପୁର,୧୦/୪: ରାଜସ୍ଥାନରେ ଜଳ ଜୀବନ ମିସନ ଦୁର୍ନୀତି ମାମଲାରେ ଦୁର୍ନୀତି ନିବାରଣ ବ୍ୟୁରୋ (ଏସିବି)କୁ ବଡ଼ଧରଣ ସଫଳତା ମିଳିଛି। ଦୀର୍ଘ ଦିନ ହେଲା ଫେରାର ଥିବା ପୂର୍ବତନ ଆଇଏଏସ୍ ଅଧିକାରୀ ସୁବୋଧ ଅଗ୍ରୱାଲଙ୍କୁ ଗୁରୁବାର ଗିରଫ କରାଯାଇଛି। ଏସିବି ଟିମ୍ ଅଗ୍ରୱାଲଙ୍କୁ ଦିଲ୍ଲୀରୁ ଜୟପୁର ଆଣି ମୁଖ୍ୟାଳୟରେ ପଚରାଉଚରା କରିଛି। ୯୦୦ କୋଟି ଟଙ୍କାର ଏହି ଦୁର୍ନୀତି ମାମଲାରେ ପୂର୍ବରୁ ଅଗ୍ରୱାଲଙ୍କ ନାଁରେ ଗିରଫ ପରୱାନା ଜାରି ହୋଇଥିଲା। ଦୁର୍ନୀତି ମାମଲାରେ ପୂର୍ବରୁ ଜନସ୍ୱାସ୍ଥ୍ୟ ଇଞ୍ଜିନିୟରିଂ ଡିପାର୍ଟମେଣ୍ଟର ୯ ଜଣ ଅଧିକାରୀ ଗିରଫ ହୋଇଥିଲେ। ଏସିବି ମହାନିର୍ଦ୍ଦେଶକ କହିଛନ୍ତି, ୨୦୨୪ ମସିହାରେ ଜଳ ଜୀବନ ମିଶନ ଦୁର୍ନୀତି ମାମଲାର ତଦନ୍ତ ଆରମ୍ଭ ହୋଇଥିଲା ଓ ଏପର୍ଯ୍ୟନ୍ତ ୧୧ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୩ ଜଣ ଏବେବି ଫେରାର ଅଛନ୍ତି। ଅଗ୍ରୱାଲଙ୍କ ଗିରଫଦାରୀ ପରେ ଏହି ମାମଲାରେ ବହୁତ ବଡ଼ ସଫଳତା ମିଳିଛି। ଜଳ ଜୀବନ ମିଶନ ଟେଣ୍ଡର ପ୍ରକ୍ରିୟାରେ ବଡ଼ଧରଣର ଅନିୟମିତତା ହୋଇଥିବା ଏସିବି କହିଛି। ଗଣପତି ଟ୍ୟୁବୱେଲ ଏବଂ ଶ୍ୟାମ ଟ୍ୟୁବୱେଲ ସମେତ ଅନେକ ସଂସ୍ଥା ଜାଲ ପ୍ରମାଣପତ୍ର ଦାଖଲ କରି ଚୁକ୍ତିନାମା ହାସଲ କରିଥିବା ଅଭିଯୋଗ ହୋଇଛି। ଏହି ବିସଙ୍ଗତି ବିଷୟରେ ଅବଗତ ହେବା ସତ୍ତ୍ୱେ ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହୋଇଥିଲେ। ଫଳସ୍ୱରୂପ କିଛି ନିର୍ଦ୍ଦିଷ୍ଟ ସଂସ୍ଥାଗୁଡ଼ିକୁ ଲାଭ ଦେବା ପାଇଁ ପ୍ରାୟ ୯୦୦ କୋଟି ଟଙ୍କାର ଟେଣ୍ଡର ଦିଆଯାଇଥିଲା। ଏହାସହିତ ୫୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପ ପାଇଁ ବାଧ୍ୟତାମୂଳକ ସ୍ଥଳ ଯାଚଂ କରାଯାଇ ନଥିବା ରିପୋର୍ଟ ହୋଇଛି, ଯାହା ସରକାରୀ ପଦବୀର ସ୍ପଷ୍ଟ ଅପବ୍ୟବହାରକୁ ସୂଚିତ କରୁଛି। ଚଳିତ ବର୍ଷ ଫେବ୍ରୁଆରି ୧୭ରେ ଏସିବି ଏହି ମାମଲାରେ ବଡ଼ଧରଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିରାଜସ୍ଥାନର ଜୟପୁର, ବାଡ଼ମେର, ଜାଲୋର ଓ ସିକର ସହିତ ବିହାର, ଝାଡ଼ଖଣ୍ଡ ଓ ଦିଲ୍ଲୀର ୧୫ଟି ସ୍ଥାନରେ ଚଢ଼ଉ କରିଥିଲା। ତଦନ୍ତରୁ ଟେଣ୍ଡର ପ୍ରକ୍ରିୟାରେ ନକଲି ବିଲ୍, ଆର୍ଥିକ ଅନିୟମିତତା ଏବଂ ଗୁରୁତର ପ୍ରକ୍ରିୟାଗତ ଉଲ୍ଲଂଘନ ଜଣାପଡ଼ିଥିଲା। ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଗିରଫ କରାଯିବା ଦିନ ଅଗ୍ରୱାଲଙ୍କ ବାସଭବନରେ ମଧ୍ୟ ଚଢ଼ଉ କରାଯାଇଥିଲା। କିନ୍ତୁ ସେ ଫେରାର ଥିବାରୁ ଫେବ୍ରୁଆରି ୧୮ରେ ତାଙ୍କ ନାଁରେ ଏକ ଲୁକ୍‌ଆଉଟ୍ ସର୍କୁଲାର ଜାରି କରାଯାଇଥିଲା। ରାଜସ୍ଥାନରେ କଂଗ୍ରେସ ସରକାର ସମୟରେ ହୋଇଥିବା ଏହି ଦୁର୍ନୀତିବେଳେ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଅଗ୍ରୱାଲ ଜନସ୍ୱାସ୍ଥ୍ୟ ଇଞ୍ଜିନିୟରିଂ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଥିଲେ। ଏସିବି ଅନୁଯାୟୀ, ଅଗ୍ରୱାଲ ଏବଂ ଅନ୍ୟମାନେ ଜଳ ଜୀବନ ମିଶନର ଠିକା ପାଇବା ପାଇଁ ପ୍ରାୟ ୯୬୦ କୋଟି ଟଙ୍କାର ମିଥ୍ୟା ପ୍ରମାଣପତ୍ର ଦାଖଲ କରିଥିଲେ, ଯାହା ଦ୍ୱାରା ଠିକାଦାର, ବରିଷ୍ଠ ଇଞ୍ଜିନିୟର ଏବଂ ଅନ୍ୟାନ୍ୟ ସରକାରୀ ଅଧିକାରୀମାନଙ୍କ ସହ କୋଟି କୋଟି ଟଙ୍କାର ପାଣ୍ଠି ହଡ଼ପ ହୋଇଥିବା ଅଭିଯୋଗ ହୋଇଛି। ତଦନ୍ତ ବଢ଼ିବା ସହିତ ଅଗ୍ରୱାଲ ବହୁ ସପ୍ତାହ ପର୍ଯ୍ୟନ୍ତ କର୍ତ୍ତୃପକ୍ଷଙ୍କୁ ଏଡ଼ାଇ ଯାଇଥିଲେ। ଗ୍ରାମାଂଚଳର ପ୍ରତ୍ୟେକ ପରିବାରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇବା ପାଇଁ କେନ୍ଦ୍ର ସରକାର ୨୦୧୯ ମସିହାରେ ଜଳ ଜୀବନ ମିଶନ ଯୋଜନା ଆରମ୍ଭ କରିଥିଲେ।

କେନ୍ଦୁଝର ସମାଚାର

A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ଏପ୍ରିଲ ୧୧ ଓ ୧୨ରେ ଅଲଇଣ୍ଡିଆ ଥିଏଟର କାଉନସିଲର ପଂଚମ ରାଷ୍ଟ୍ରୀୟ ଅଧିବେଶନ

ପୁରୀ,୧୦/୪(ନି/ପ୍ର):ଏପ୍ରିଲ ୧୧, ୧୨ ତାରିଖରେ ପୁରୀରେ ଅଲ ଇଣ୍ଡିଆ ଥିଏଟର କାଉନସିଲ ରାଷ୍ଟ୍ରୀୟ ଅଧିବେଶନ । ଯୋଗଦେବେ ଦେଶର ବିଭିନ୍ନ ରାଜ୍ୟର ନାଟ୍ୟ ବ୍ୟକ୍ତିତ୍ୱ। ପୁରୀ-କଳାର ବିକାଶ ଓ କଳାକାରଙ୍କ ସମସ୍ୟା ପାଇଁ ଅହରହ ସଂଗ୍ରାମ କରୁଥିବା ଦେଶର ବୃହତ କଳାକାର ସଂଗଠନ ଅଲ ଇଣ୍ଡିଆ ଥିଏଟର କାଉନସିଲର ପଂଚମ ରାଷ୍ଟ୍ରୀୟ ଅଧିବେଶନ ଏବଂ ସାଂସ୍କୃତିକ ମହୋତ୍ସବ ଚଳିତ ଏପ୍ରିଲ ୧୧,୧୨ ତାରିଖ ଦୁଇ ଦିନ ଧରି ଶ୍ରୀକ୍ଷେତ୍ର ଧାମ ପୁରୀର ହୋଟେଲ ସୂର୍ଯ୍ୟା ବିଚ ଇନ ଠାରେ ଅନୁଷ୍ଠିତ ହେଉଅଛି । କଳାକାରଙ୍କ ଏହି ରାଷ୍ଟ୍ରୀୟ ସମ୍ମିଳନୀରେ ଭାରତର ବିଭିନ୍ନ ରାଜ୍ୟରୁ ଶତାଧିକ କଳାକାର ପୁରୀ ଆସୁଥିବା ନେଇ ଗୁରୁବାର ପୁରୀ ସୂର୍ଯ୍ୟା ବିଚ ଇନ ହୋଟେଲ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଲ ଇଣ୍ଡିଆ ଥିଏଟର କାଉନସିଲ ର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ରାଜଗୋପାଳ ପାଢ଼ୀ ସୂଚନା ଦେଇଛନ୍ତି । ଉପସ୍ଥିତ ଗଣମାଧ୍ୟମକୁ ସୂଚନା ପ୍ରଦାନ କରି ଶ୍ରୀ ପାଢ଼ୀ ଆୟୋଜିତ ହେବାକୁ ଥିବା ରାଷ୍ଟ୍ରୀୟ ଅଧିବେଶନରେ ସଂସ୍ଥାର ସାଧାରଣ ନିର୍ବାଚନ, ପ୍ରତି ରାଜ୍ୟ ସଂଗଠନର କାର୍ଯ୍ୟ ଓ ସ୍ଥିତି ସମୀକ୍ଷା, ସଂଗଠନ ବିସ୍ତାର ସହିତ କଳାକାରଙ୍କ ରହିଥିବା ବହୁବିଧ ସମସ୍ୟା ଉପରେ ଆଲୋଚନା ହେବ ବୋଲି କହିଥିଲେ । ଆଗନ୍ତୁକ ଅତିଥି କଳାକାର ତଥା ପ୍ରତିଷ୍ଠିତ ନାଟ୍ୟ ପ୍ରତିଭା ମାନେ କାର୍ଯ୍ୟକ୍ରମର ପ୍ରଥମ ଦିନ ସଂଗଠନର ଧ୍ୱଜା ଉତୋଳନ କରି ସାଂଗଠନିକ ଆଲୋଚନା କରିବା ସହ ନୂତନ କମିଟି ଗଠନ ଓ ଶପଥ ଗ୍ରହଣ କରିବା ନେଇ ସ୍ଥିର ହୋଇଥିବା ବେଳେ ଦ୍ୱିତୀୟ ଦିନ ପୁରୀ ବେଳାଭୂମି ଓ ସ୍ୱର୍ଗଦ୍ୱାର ଭ୍ରମଣ ସହିତ ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଥିବା ସୂଚନା ପ୍ରଦାନ କରିଛନ୍ତି । ଅଧିବେଶନର ଦ୍ୱିତୀୟ ଦିନ ସନ୍ଧ୍ୟାରେ ସାଂସ୍କୃତିକ ସନ୍ଧ୍ୟା ଆୟୋଜିତ ହେବ, ଯେଉଁଥିରେ ବହୁ ସ୍ୱତନ୍ତ୍ର ଅତିଥୀଙ୍କ ଉପସ୍ଥିତି ରହିବ । ବିଭିନ୍ନ ବିଭାଗର ପ୍ରତିଭାଧାରୀଙ୍କୁ ରାଷ୍ଟ୍ରୀୟ କଳା ସମ୍ମାନ ଓ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ ସହ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା କଳାକାରଙ୍କୁ ସମ୍ମାନ କରାଯିବ । ସାଂସ୍କୃତିକ ସନ୍ଧ୍ୟାରେ ଡା. ତିରୁପତି ସାହୁଙ୍କ ରଚିତ, ଅଭିନୀତ ଓ ନିର୍ଦ୍ଦେଶିତ ନାଟକ'ରାମ ବନବାସ' ପରିବେଷଣ ହେବା ସହିତ ଓଡିଶୀ, କଥକ ଓ ଅନ୍ୟ ପାରମ୍ପରିକ ନୃତ୍ୟ ପରିବେଷଣ ହେବ । ଅନୁଷ୍ଠିତ ହେବାକୁ ଥିବା ରାଷ୍ଟ୍ରୀୟ ଅଧିବେଶନରେ ପ୍ରତି ଜିଲ୍ଲାରେ କଳାକାରଙ୍କ ନାଟ୍ୟ ଅଭ୍ୟାସ ଓ ନାଟକ ମଂଚନ ନିମନ୍ତେ ଭଲ ମଂଚ, ମଂଚକୁ ରିହାତି ଦରରେ କଳାକାରଙ୍କୁ ଯୋଗାଇବା, କୋଭିଡ ପୂର୍ବରୁ କଳାକାରଙ୍କୁ ମିଳୁଥିବା ରେଳ ରିହାତିକୁ ପୁନଃ ଚାଲୁ କରିବା, କଳାକାରଙ୍କୁ ସରକାରୀ ସହାୟତା ପ୍ରଦାନ ଆଦି ଅନେକ ଗମ୍ଭୀର ବିଷୟ ଉପରେ ଅଧିବେଶନରେ ବିସ୍ତୃତ ଆଲୋଚନା ହେବ ବୋଲି ରାଜଗୋପାଳ ପାଢ଼ୀ ସୂଚନା ଦେଇଥିଲେ । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଓଡିଶା ସଂଗଠନର ଉପସଭାପତି ବବିତା ସ୍ୱାଇଁ, କୋଷାଧ୍ୟକ୍ଷ ସିଏଚ. ଦେବଦାସ, ସଦସ୍ୟ ଅନିଲ କୁମାର ପାତ୍ର, କୈଳାସ ଚନ୍ଦ୍ର ପାଣିଗ୍ରାହୀ, ଲିଲା ମହାନ୍ତି, ପୁରୀର ବରିଷ୍ଠ ନାଟ୍ୟ ସଂଗଠକ ବିକ୍ରମ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ଆଇନଜୀବୀଙ୍କ ହୃଦଘାତରେ ପରଲୋକ

ପୁରୀ,୧୦/୪: ପୁରୀର ବରିଷ୍ଠ ଆଇନଜୀବୀ ତ୍ରିଲୋଚନ ପାଣିଗ୍ରାହୀଙ୍କ ଗୁରୁବାର ପୂର୍ବାହ୍ନରେ ହୃଦଘାତରେ ପରଲୋକ ହୋଇଛି । ଅଠରନଳା ନୀଳଚକ୍ର ନଗର ବାସଭବନରୁ କୋର୍ଟ ଯିବା ପାଇଁ ଆସୁଥିବା ବେଳେ ମେଡିକାଲ ଛକ ଠାରେ ଟ୍ରାଫିକ ସିଗନାଲ ଠାରେ ଅଟକି ରହିଥିଲେ । ପରେ ସେହି ଠାରେ ସ୍ଥାନୀୟ ଲୋକ ମେଡିକାଲକୁ ଆଣିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ମରଶରୀର ବାସଭବନକୁ ନିଆଯାଇ ସେଠାରୁ ପୁରୀ ଜିଲ୍ଲା ଓକିଲ ସଂଘ କାର୍ଯ୍ୟାଳୟ ସମ୍ମୁଖରେ ଶେଷ ଦର୍ଶନ ପାଇଁ ରଖାଯାଇଥିଲା । ଓକିଲ ସଂଘର ନିର୍ବାଚିତ ପ୍ରତିନିଧିଗଣଙ୍କ ସହ ଶତାଧିକ ଆଇନଜୀବୀ ଶେଷ ଦର୍ଶନ କରିଥିଲେ ।

ଶ୍ୟାମାକାଳୀଙ୍କ ଦେବୀ ଗୃହକୁ ନୂତନ ମନ୍ଦିର ଭାବେ ନିର୍ମାଣ କରିବା ପାଇଁ ଏକ ଗ୍ରାମସଭା

କେନ୍ଦୁଝର,୧୦/୪(ନି/ପ୍ର): କେନ୍ଦୁଝର ସହର ଅନ୍ତର୍ଗତ ମାଧପୁର କାଳୀମନ୍ଦିର କମିଟି ତରଫରୁ ମା' ଶ୍ୟାମା କାଳୀଙ୍କ ଦେବୀ ଗୃହକୁ ଏକ ନୂତନ ମନ୍ଦିର ଭାବେ ନିର୍ମାଣ କରିବା ପାଇଁ ଏକ ଗ୍ରାମ ସଭା ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ମାଧପୁର ଓ ମାଗୁରଗଡିଆ ଗ୍ରାମବାସୀଙ୍କ ଉପସ୍ଥିତିରେ ଅନୁଷ୍ଠାନର ସ୍ଥାୟୀ ସଭାପତି ଶିବ କୁମାର ରାଠୋରଙ୍କ ସଭାପତିତ୍ୱରେ ଏହି ସଭା ଆୟୋଜିତ ହୋଇଥିଲା । ସଭାରେ ମା'ଶ୍ୟାମା କାଳୀଙ୍କ ନୂତନ ମନ୍ଦିର ନିର୍ମାଣ ପାଇଁ ସମସ୍ତ ଗ୍ରାମବାସୀଙ୍କ ସହଯୋଗ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା । ଏହା ସହ ଅଧିକ ଲୋକଙ୍କୁ ଏହି ପବିତ୍ର କାର୍ଯ୍ୟରେ ସାମିଲ କରିବାକୁ ପ୍ରସ୍ତାବ ମଧ୍ୟ ଗ୍ରହଣ କରାଯାଇଥିଲା । ଏହି ସଭାରେ ସ୍ଥାନୀୟ ବରିଷ୍ଠ ଗ୍ରାମବାସୀ ଅମରବର ଖଟୁଆ, ସନାତନ ବେହେରା, ମହେନ୍ଦ୍ର କୁମାର ସାହୁ ଓ ବିଜୟଲକ୍ଷ୍ମୀ ଓଝା ଉପସ୍ଥିତ ଥାଇ ମନ୍ଦିର ନିର୍ମାଣ କାର୍ଯ୍ୟରେ ସମସ୍ତଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ଯୋଜନାବଦ୍ଧ ଭାବେ କାର୍ଯ୍ୟ କଲେ ମନ୍ଦିର ନିର୍ମାଣ ଶୀଘ୍ର ସମ୍ପନ୍ନ ହେବ ବୋଲି ସେମାନେ ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା ପାଇଁ ସଂଯୋଜକ ପ୍ରଫୁଲ୍ଲ କୁମାର ସାହୁ, ନିର୍ମାଣ କମିଟି ଉନ୍ନୟନ ସମ୍ପାଦକ ପ୍ରିୟବ୍ରତ ଜେନା, କୋଷାଧ୍ୟକ୍ଷ ବିନୋଦ ବିହାରୀ ଲାଲ, ସମ୍ପାଦକ ବିଜନ କୁମାର ନାୟକ, ସହ ସମ୍ପାଦକ କୃଷ୍ଣ ଚନ୍ଦ୍ର ପଲେଇ, ବରିଷ୍ଠ ସଦସ୍ୟ ଗଣେଶ୍ୱର ବେହେରା, ଗୌରାଙ୍ଗ ରାମ, ସଞ୍ଜୟ କୁମାର ଓଝା, ମାନସ କୁମାର ବ୍ରହ୍ମ ସହିତ ଅନ୍ୟାନ୍ୟ କର୍ମକର୍ତାମାନେ ପୂର୍ଣ୍ଣ ସହଯୋଗ କରିଥିଲେ । ନିର୍ମାଣ କମିଟି ଉନ୍ନୟନ ସମ୍ପାଦକ ପ୍ରିୟବ୍ରତ ଜେନା ପ୍ରକାଶ କରିଛନ୍ତିକି ମା'ଙ୍କର ଏକ ଭବ୍ୟ ମନ୍ଦିର ହେଉ ଏହା ଭକ୍ତିଙ୍କ ବହୁଦିନର ଆଶା ଆଉ ସମସ୍ତଙ୍କର ସହଯୋଗ ରହିଲେ ଏହି ଆଶା ଖୁବ ଶୀଘ୍ର ବାସ୍ତବରେ ରୂପାୟନ ହୋଇପାରିବ । ପରିଶେଷରେ ନିର୍ମାଣ କମିଟି କୋଷାଧ୍ୟକ୍ଷ ଭଗବାନ ନାଏକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଚତୁର୍ଭୁଜପୁରରେ ଚୈତୀପର୍ବ ଉଦ୍‌ଯାପିତ

ଭଦ୍ରକ,୧୦/୪(ନି/ପ୍ର): ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଂଚାୟତ ଚୁତୁର୍ଭୁଜପୁର ଠାରେ କୈବର୍ତ ସମାଜ ପକ୍ଷରୁ ଚୈତୀପର୍ବ (ଚୈତ୍ର ପୂର୍ଣ୍ଣମା)ଗୁରୁବାର ଠାରୁ ଆରମ୍ଭ ହୋଇ ବୁଧବାର ଉଦଯାପନ ହୋଇଯାଇଛି । ଗ୍ରାମରେ ମୁଖ୍ୟତଃ ଦୁଇ ପ୍ରକାରର ଚୈତୀ ପର୍ବ ପାଳନ କରାଯାଏ କିଛି ପରିବାର ମୃଣ୍ମୟୀ ଘୋଡ଼ା କୁ ମା ବାଶୁଳାଇ ରୁପରେ ପୂଜା କରି ମାଛ ଓ ସୁରା ଭୋଗ କରାଯାଇଥାଏ । ପାରମ୍ପରିକ ଘୋଡ଼ା ନାଚ କରାଯାଇ ନଗର ପରିକ୍ରମା କରାଯାଇ ବୁଧବାର ସନ୍ଧ୍ୟାରେ ଘୋଡ଼ା ମୁଣ୍ଡ ଫିଟାଯାଇ ପର୍ବ ଉଦଯାପନ ହୋଇଯାଇଛି । ଅନ୍ୟପକ୍ଷରେ କେତେକ ପରିବାର ଲକ୍ଷ୍ମୀନାରାୟଣ ମୃଣ୍ମୟୀ ମୂର୍ତି ପୂଜା କରି ପର୍ବ ପାଳନ କରିଥାନ୍ତି । ଚତୁର୍ଭୁଜପୁରରେ ଚୈତୀପର୍ବ ଉପଭୋଗ କରିବାକୁ କରିବାକୁ ଆଖପାଖ ଅଂଚଳରୁ ବହୁ ଆସନ୍ତି ।

କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟରେ ରକ୍ତଦାନ ଶିବିର

କେନ୍ଦୁଝର,୧୦/୪ (ନି/ପ୍ର): ମଣ୍ଡୁଆସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟ, କେନ୍ଦୁଝର ପକ୍ଷରୁ ଆଜି 'ଓଡ଼ିଆ ପକ୍ଷ ' ଉପଲକ୍ଷେ ରକ୍ତଦାନ ଶିବିର ଅଧ୍ୟକ୍ଷ ଲଳିତ୍ ରଂଜନ ସାହୁଙ୍କ ଉଦଘାଟନରେ ଅନୁଷ୍ଠିତ ହୋଇଛି । ସେ ତାଙ୍କ ଉଦବୋଧନରେ କହିଥିଲେ ଯେ ରକ୍ତଦାନ ହେଉଛି ଏକ ମହାନ ସେବା ଓ ଏହାଦ୍ୱାରା ଅନେକ ଜୀବନ ବଚିଂପାରେ । ଏହି ଶିବିରଟି ମହାବିଦ୍ୟାଳୟର ଯୁବ ରେଡକ୍ରସ ସଂଗଠନ ଓ କେନ୍ଦୁଝର ସରକାରୀ ଡାକ୍ତରଖାନାର ରକ୍ତଭଣ୍ଡାର କର୍ମକର୍ତା ଡାକ୍ତର ଏମ୍ ଏମ୍ ମାରାଣ୍ଡି, ଦେବାଶିଷ ସାହୁ ଓ କବିତା ସେଠୀ ପ୍ରମୁଖ ରକ୍ତ ସଂଗ୍ରହ କାର୍ଯ୍ୟର ସହଯୋଗରେ ଆୟୋଜନ କରାଯାଇଥିଲା । ବହୁ ଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରୀମାନଙ୍କ ଅଭିଭାବକ ସ୍ୱେଚ୍ଛାରେ ରକ୍ତଦାନ କରିଥିଲେ । ରକ୍ତଦାନ ଜୀବନ ବଂଚେଇବାରେ ସହାୟକ ହେବ ବୋଲି ଆୟୋଜକମାନେ କହିଛନ୍ତି । ଯୁବ ରେଡକ୍ରସ ଅଧିକାରୀ ଅଧ୍ୟାପିକା ଡ. ମୋନାଲିସା ଦାସ ଓ ଅର୍ଥନୀତି ବିଭାଗର ଅଧ୍ୟାପିକା ଶ୍ରୀମତୀ ବାଣୀଶ୍ରୀ ଦାସ ଶିବିର ପରିଚାଳନା କରିଥିଲେ । ଯୁବ ରେଡକ୍ରସର ସ୍ୱେଚ୍ଛାସେବୀ ଛାତ୍ରୀ ଗାୟତ୍ରୀ ଜେନା, ସୁକାନ୍ତିମାଝୀ, ମଧୁସ୍ମିତା ମହାନ୍ତ, ସାନିଆ ପରିଡା ଓ ଗୀତାରାଣୀ ପୃଷ୍ଟି ସହଯୋଗ କରିଥିଲେ । ମୋଟ୍ ୨୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା ।

ଓଡ଼ିଆ ପକ୍ଷ ଅବସରରେ ରକ୍ତଦାନ ଶିବିର ଆୟୋଜିତ: ସାମିଲ ହେଲେ ବିଭିନ୍ନ ଶିକ୍ଷାନୁଷ୍ଠାନ

କେନ୍ଦୁଝର,୧୦/୪(ନି/ପ୍ର): ଓଡ଼ିଆ ପକ୍ଷ ପାଳନର ଅଷ୍ଟମ ଦିବସ ଅବସରରେ ବୁଧବାର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ରେଡକ୍ରସ ସଂସ୍ଥାର ମିଳିତ ଆନୁକୂଲ୍ୟରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଏହି ରକ୍ତଦାନ ଅଭିଯାନରେ ଜିଲ୍ଲାର ବିଭିନ୍ନ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଓ ସାଧାରଣ ଜନତା ସ୍ୱତଃସ୍ଫୂର୍ତ୍ତ ଭାବେ ଅଂଶଗ୍ରହଣ କରିଥିଲେ । ମୋଟ ୮୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ବେଳେ, ଏଥିମଧ୍ୟରୁ ଜିଲ୍ଲା ରକ୍ତ ଭଣ୍ଡାରରୁ ୧୫ ୟୁନିଟ୍, ସରକାରୀ ମହିଳା ମହାବିଦ୍ୟାଳୟ କେନ୍ଦୁଝରରୁ ୨୭ ୟୁନିଟ୍, ଧରଣୀଧର ବିଶ୍ୱବିଦ୍ୟାଳୟ ପକ୍ଷରୁ ୩୦ ୟୁନିଟ୍ ଏବଂ ଦରବାର ହଲ୍ ?ଠାରେ ଆୟୋଜିତ ଶିବିରରୁ ୧୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ସଂଗୃହୀତ ରକ୍ତକୁ ଜରୁରୀକାଳୀନ ପରିସ୍ଥିତିରେ ଜୀବନ ରକ୍ଷା ତଥା ମାନବ କଲ୍ୟାଣ ନିମନ୍ତେ ଜିଲ୍ଲା ରକ୍ତକେନ୍ଦ୍ରକୁ ପଠାଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ରବିମଙ୍ଗତ ମାରାଣ୍ଡି, ରକ୍ତକେନ୍ଦ୍ର ସମ୍ପାଦକ ଏଆର ଖାନ, ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ , ରେଜିଷ୍ଟ୍ରାର ପ୍ରତିଭା ପୃଷ୍ଟି , ଯୁବ ରେଡକ୍ରସ କାଉନସିଲର, ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ, ରେଡକ୍ରସ ଅଧିକାରୀ, ସମାଜ ସେବୀ ଡାକ୍ତର ସଂଜୀବ ଓଝା, ସହକାରୀ ଜିଲ୍ଲାପାଳ ସନ୍ତୋଷ ଜେନା, ସୂର୍ଯ୍ୟଙ୍କିତା ସାହୁ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ରାୟ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ପ୍ରୋତ୍ସାହିତ କରିଥିଲେ । ଅତିଥିମାନେ ରକ୍ତଦାନର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ସମସ୍ତ ରକ୍ତଦାତାଙ୍କୁ ସମ୍ମାନଜନକ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଏହି ଅଭିଯାନକୁ ସଫଳ କରିବାରେ ଜିଲ୍ଲା ରେଡକ୍ରସ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗର ଅଧିକାରୀ ଓ କର୍ମଚାରୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ରକ୍ତକେନ୍ଦ୍ରର ବୈଷୟିକ କର୍ମଚାରୀମାନଙ୍କ ସହାୟତାରେ ରକ୍ତ ସଂଗ୍ରହ ପ୍ରକ୍ରିୟା ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଥିବା ବେଳେ ବିଭିନ୍ନ ଶିକ୍ଷାନୁଷ୍ଠାନର ସ୍ୱେଚ୍ଛାସେବୀମାନେ ପରିଚାଳନାରେ ସହଯୋଗ କରିଥିଲେ ।

ସୁବର୍ଣ୍ଣପୁରରେ ହାଇଟେକ୍ ସର୍ଭେ, ବନ୍ଦୋବସ୍ତ ୨୦୨୬ ସୁଦ୍ଧା ସରିବ :ମନ୍ତ୍ରୀ



ଭୁବନେଶ୍ୱର,୧୦/୪(ନି/ପ୍ର): ଲୋକସେବା ଭବନଠାରେ ସୁବର୍ଣ୍ଣପୁର ଜିଲ୍ଲାର ହାଇଟେକ୍ ସର୍ଭେ ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ଦିନର ଅପେକ୍ଷାର ଅନ୍ତ ସହ ସୁବର୍ଣ୍ଣପୁର ଜିଲ୍ଲାର ହାଇଟେକ୍‌ସର୍ଭେ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବାକୁ ମାନ୍ୟବର ରାଜସ୍ୱ ମନ୍ତ୍ରୀ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୁବର୍ଣ୍ଣପୁର ଜିଲ୍ଲା ଅନ୍ତର୍ଗତ ୯୮୯ଟି ଗ୍ରାମ ମଧ୍ୟରୁ ୬୦୮ ଗ୍ରାମର ହାଇଟେକ୍ ସର୍ଭେ ଏବଂ ସେଟେଲମେଂଟ ପ୍ରକ୍ରିୟା ଇତିମଧ୍ୟରେ ସମାପ୍ତ ହୋଇଥିବା ବେଳେ ଏହି ସବୁ ଗ୍ରାମ ଗୁଡ଼ିକର ପଟ୍ଟା ପ୍ରସ୍ତୁତକରି ଭୂଲେଖରେ ଅପଲୋଡ୍ କରିବା ସହ ଜନସାଧାରଣଙ୍କୁ ପଟ୍ଟାବଂଟନ କାର୍ଯ୍ୟ ତିନୋଟିପର୍ଯ୍ୟାୟରେ ୪୫ ଦିନ ମଧ୍ୟରେ ସାରିବାକୁ ନିଷ୍ପତ୍ତି ନିଆଯାଇଛିକ୍ଷ ବାକିଥିବା ଗ୍ରାମମାନଙ୍କର ସର୍ଭେ ଓ ବନ୍ଦୋବସ୍ତ କାର୍ଯ୍ୟ ୬ ମାସ ମଧ୍ୟରେ ସାରିବା ସହ ଭୂଲେଖରେ ଅପଲୋଡ୍ କରିବା ଓ ମ୍ୟାପ୍ ପ୍ରକାଶ କାର୍ଯ୍ୟ ଶୀଘ୍ର ସମାପ୍ତ କରିବାପାଇଁ ମାନ୍ୟବର ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ୨୦୨୬ ନଭେମ୍ବର ମାସ ସୁଦ୍ଧା ହାଇଟେକ୍ ସର୍ଭେ ସମ୍ପର୍କିତ ସମସ୍ତ ପ୍ରକ୍ରିୟା ସମାପ୍ତ ହୋଇ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଗ୍ରାମର ଜମିପଟ୍ଟା ସହ ମ୍ୟାପ୍ ପ୍ରକାଶ ପାଇବକ୍ଷ ଏହା ଦ୍ୱାରା ସୁବର୍ଣ୍ଣପୁର ଜିଲ୍ଲାର ଜନସାଧାରଣ ବିଭିନ୍ନ ରାଜସ୍ୱ ସେବା ସହଜରେ ପାଇବା ସହ ଉପକୃତ ହେବେକ୍ଷ ଏହି ପରିପ୍ରେକ୍ଷୀରେ ବନ୍ଦୋବସ୍ତ ସରିଥିବା ଓ ବକେୟା ଥିବା ସମସ୍ତ ଗ୍ରାମର ସାବକ ଜମି ଏବଂ ହାଲ୍ ଜମିକୁ ପୁନର୍ବାର ସଠିକ୍ ଭାବେ ଯାଂଚ କରି ପ୍ରକ୍ରିୟା ସରିଥିବା ଏବଂ ହେବାକୁ ଥିବା ଜମିଜମାକୁ ନିର୍ଭୁଲ ଭାବରେ ପ୍ରସ୍ତୁତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ରାଜସ୍ୱ ବିଭାଗ ଓ ଜଙ୍ଗଲ ବିଭାଗ ଅଧୀନରେ ଥିବା ସରକାରୀ ଜମିସ୍ୱତ୍ୱ ଓ ଦେବୋତ୍ତର ଜମିସ୍ୱତ୍ୱ ସୁରକ୍ଷାକୁ ନିଶ୍ଚିତ କରିବା ସହ କୌଣସି ବି ପରିସ୍ଥିତିରେ ଚଟଂକତା କରି ଏସବୁ ଜମି ଉପରେ କେହି ଅନ୍ୟାୟ ଅକ୍ତିଆର କରିପାରିବେ ନାହିଁ ବୋଲି ରାଜସ୍ୱ ସଚିବ ଡ. ଅରବିନ୍ଦ ପାଢ଼ୀ ଗୁରୁତ୍ୱାରୋପ କରିଛନ୍ତି ।

୪ ଦିନରେ ୩୨ ଫେରାର ଅଭିଯୁକ୍ତ ଗିରଫ

ଜୟପୁର,୧୦/୪(ନି/ପ୍ର): ଜୟପୁର ସଦର ପୋଲିସ ଦିନରେ ବିଭିନ୍ନ ସ୍ଥାନରେ ଚଢାଉ ୪ ଦିନରେ ୩୨ ଅଭିଯୁକ୍ତ କୁ ଗିରଫ କରିଛି । ଜୟପୁର ସଦର ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ଅପରାଧିକ ମାମଲାରେ ଫେରାର ଥିବା ୮ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ମୁଖି ଖୁଡୁପି ଗ୍ରାମର ନକୁଳ ମାଣ୍ଡିଆ , ବଳ ରାମ ସୌରା, ପ୍ରହଲ୍ଲାଦ ମାଣ୍ଡିଆ, ଭଗବାନ ମଲଡିଆ, ନିଳାଗୁଡା ଗ୍ରାମର ଆକାଶ ଭଇଁସା, ଅନ୍ତା ଗ୍ରାମର ସ୍ୟାମ ଘନ ବିଷୋୟୀ , ଫାମ୍ପୁଣି ଗ୍ରାମର ପଦ୍ମନ ଭୁମିଆ , ବରମୁଣ୍ଡି ଗ୍ରାମର ଗୁପ୍ତ ପ୍ରସାଦ ସାହୁ । ଗିରଫ ଅଭିଯୁକ୍ତ ଙ୍କ ନାମରେ ଜୟପୁର ସଦର ଥାନାରେ ଅପରାଧିକ ମମଲା ରହିଥିଲା । ସେହି ଦିନ ଠାରୁ ସେ ମାନେ ଫେରାର ଥିବା ବେଳେ ବିଭିନ୍ନ ସ୍ଥାନରେ ଚଢାଉ କରି ୮ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ପୋଲିସ ତରଫରୁ ସୁଚନା ଦିଆଯାଇଛି । ପ୍ରଥମ ଦିନରେ ୧୧ ଦ୍ୱିତିୟ ଦିନରେ ୫ ଓ ତୃତିୟ ଦିନରେ ୮ ଜଣ ଓ ଚତୁର୍ଥ ଦିନରେ ୮ ଅଭିଯୁକ୍ତ କୁ ଗିରଫ କରିଛି । ଫେରାର ୮ ଅଭିଯୁକ୍ତ କୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ମାନେ ହେଲେ ଜୟପୁର ହାଡିଆ ଗ୍ରାମର ଜବେଶ ହରିଜନ, ଭତ୍ରା ଗ୍ରାମର ପ୍ରକାଶ ନାଗ , ପଲରାପୁଟ ଗ୍ରାମର ଗୁରୁବନ୍ଧୁ ନାଗ, କଲାଗୁଡା ଗ୍ରାମର ମଧୁ ପୂଜାରି , ଅନ୍ତା ଗ୍ରାମର ଉଦ୍ଧବ ହରିଜନ, ଭତ୍ରା ଗ୍ରାମର ରିତିକ ହରିଜନ, ଖଣ୍ଡିଆଗୁଡା ଗ୍ରାମର ଡମଣି ଖାତି ଓ ଚନ୍ଦ୍ରମା ଖାତି । । ଗିରଫ ଅଭିଯୁକ୍ତଙ୍କ ନାମରେ ଜୟପୁର ସଦର ଥାନାରେ ଅପରାଧିକ ମାମଲା ରହିଥିଲା । ସେହି ଦିନ ଠାରୁ ସେ ମାନେ ଫେରାର ଥିବା ବେଳେ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ପୋଲିସ ତରଫରୁ ସୁଚନା ଦିଆଯାଇଛି । ସେହିପରି ଗତ ୫ ତାରିଖରେ ଜୟପୁର ସଦର ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ଅପରାଧିକ ମାମଲାରେ ଫେରାର ଥିବା ୫ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ବାଲିଆ ଗ୍ରାମର ବିଣା ଧର ପରଜା ଭାଜିଗୁଡା ଶିବ ଘଡେଇ, ଧଡ୍ରିଗୁଡା ଗ୍ରାମର ହରି ଗାଦବା, ଏକମ୍ବା ଗ୍ରାମର ମହେଶ୍ୱର କୁଳଦିପ, ଷ୍ଟେସନ କଙ୍ଗା ଗ୍ରାମର ତୁଲୁସା ଗଣ୍ଡ । ଗିରଫ ଅଭିଯୁକ୍ତ ମାନଙ୍କ ନାମରେ ଜୟପୁର ସଦର ଥାନାରେ ଅପରାଧିକ ମାମଲା ରହିଥିଲା । ସେହି ଦିନ ଠାରୁ ସେ ମାନେ ଫେରାର ଥିବା ବେଳେ ସଦର ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ୫ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ପୋଲିସ ତରଫରୁ ସୁଚନା ଦିଆଯାଇଛି । ସେହିପରି ଗତ ୪ ତାରିଖରେ ଫେରାର ଥିବା ୧୧ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଜୟପୁର ସଦର ଥାନା ଅନ୍ତର୍ଗତ ରଣ୍ଡାପିଲ୍ଲି ଗ୍ରାମର ଧନୁଯ୍ୟୟ ଖାତି, କୁମୁଲିପୁଟ ଗ୍ରାମର ବିଷ୍ଣୁ ବାହାଦୁର,ସିଆଡିମାଳ ଗ୍ରାମର ଶିବ ମୁଦୁଲି, ସାନକାଉଡି ଗ୍ରାମର ଗୋବିନାଥ ହାଲବା, ଫିଂଟୁ ବାହାଦୁର, ସାନଜିଉନା ଗ୍ରାମର ଲଛମନ ନାୟକ, ପ୍ରେମ ନାୟକ, କୁମାର ନାୟକ ହରିଜନ, ବାରିଣିପୁଟ ଗ୍ରାମର ରୁକ୍କୁ ମୁଦୁଲି, ପୁରୁଷତମ ମୁଦୁଲି, କୈଳାଶ ଖୋସଲା । ୧୧ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ପୋଲିସ ତରଫରୁ ସୁଚନା ଦିଆଯାଇଛି । ୪ ଦିନରେ ୩୨ ଫେରାର ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ପୋଲିସ ତରଫରୁ ସୂଚନା ଦିଆଯାଇଛି ।

ଅନିୟନ୍ତ୍ରିତ ବ୍ୟବସ୍ଥା ମଧ୍ୟରେ ନିୟନ୍ତ୍ରିତ ବଜାର କମିଟି

ଚମ୍ପୁଆ,୧୦/୪(ନି/ପ୍ର):ଚମ୍ପୁଆ ନିୟନ୍ତ୍ରିତ ବଜାର କମିଟି ଅଧିନରେ ଚମ୍ପୁଆ ଦୈନିକ ବଜାରରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି । ଗାଁ ଗଣ୍ଡାରୁ ଆସୁଥିବା ଚାଷୀ ପିଣ୍ଡି ଉପରେ ନବସି ତଳେବସି ବ୍ୟବସାୟ କରୁଛନ୍ତି । ଅପରପକ୍ଷରେ କିଛି ବ୍ୟବସାୟୀ ହାଟ ପିଣ୍ଡି କବଜା କରୁଥିବାରୁ ଚାଷୀମାନେ ତଳେ ବସୁଥିବା ଦେଖିବାକୁ ମିଳୁଛି । ଏ ଦିଗରେ ନିୟନ୍ତ୍ରିତ ବଜାର କମିଟିଙ୍କ କର୍ମଚାରୀଙ୍କ ପାରିଲା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଉକ୍ତ ଘଟଣା ସବୁବେଳେ ଘଟୁଥିଲେ ହେଁ ସ୍ଥାନୀୟ ପ୍ରଶାସନ ବା ନିୟନ୍ତ୍ରିତ ବଜାର କମିଟି କୌଣସି କାର୍ଯ୍ୟାନୁଷ୍ଠାନ ନେଉନଥିବା ଆଶ୍ଚର୍ଯ୍ୟ ଚକିତ କରୁଛି । ସୂଚନା ରୁ ଜଣାପଡିଛି ଯେ ପ୍ରାୟ ୨୦୦୧ ମସିହାରୁ ଚମ୍ପୁଆ ଦୈନିକ ବଜାରରେ ରାମମନ୍ଦିର ପରିସରରୁ ଉଠାଯାଇ ବଜାରଟିକୁ ବସଷ୍ଟାଣ୍ଡ ନିକଟକୁ ନିଆଯାଇଥିଲା । ହାଟପିଣ୍ଡି ନିର୍ମାଣ କରାଯାଇ ସେଠାରେ ପିଣ୍ଡି ଉପରେ ଚାଷୀ ବସି ନିଜର ଉତ୍ପାଦିତ ସଶ୍ୟ, ପନିପରିବା ଆଦିକୁ ବିକ୍ରି କରିବା ନିମନ୍ତେ ବସୁଥିଲେ । ପ୍ରଥମେ ପ୍ରଥମେ ଠିକଠାକ ଚାଲୁଥିଲା । ମାତ୍ର କାଳକ୍ରମେ ଜନଗହଳି ବୃଦ୍ଧି ହେବା କାରଣରୁ ଏବଂ ପରିଷ୍କାର ପରିଛନ୍ନତା ଅଭାବରୁ ଚାଷୀ ପିଣ୍ଡି ଉପରେ ବସିପାରୁନାହାଁନ୍ତି । ଏପରିକି ଦୈନିକ ବଜାର କଡରେ ଥିବା ଫାଙ୍କା ଜାଗାରେ ସେମାନେ ନିଜର ମୋଟର ସାଇକଲ, ସାଇକଲ ଆଦି ରଖିବା କଥା । ମାତ୍ର ସେଠାରେ ନରଖି ରାସ୍ତା ଉପରେ ମୋଟର ସାଇକଲ, ସାଇକଲ ଆଦି ରଖୁଛନ୍ତି । ଏବଂ ନିଜେ ମଧ୍ୟ ରାସ୍ତା ଉପରେ ବସି ଯାଉଛନ୍ତି । ନିମନ୍ତିତ ବଜାର କମିଟି କର୍ମକର୍ତା ମାହାସୁଲ ଆଦାୟ କରି ଚୁପ ରହୁଛନ୍ତି । ନା ହାଟ ପିଣ୍ଡି ମାର୍କେଟର ଉନ୍ନତି କରଣ କରାଯାଉଛି ନା ବ୍ୟବସ୍ଥିତ ଢଙ୍ଗରେ ଲୋକମାନଙ୍କୁ ବ୍ୟବସ୍ଥିତ କରାଯାଉଛି । ତାର କୌଣସି ହିସାବ ନାହିଁ । ଯିଏ ଯେଉଁଠି ପାରିଲା ବସିଲା ଓ ଯିଏ ଯେତେ ଦାମରେ ଦ୍ରବ୍ୟ ସାମଗ୍ରୀ ବିକ୍ରିକଲା ତାର କୌଣସି ହିସାବ ନାହିଁ । ମନରୁ ଯାହା ଆସିଲା ମନଇଚ୍ଛା ଦାମନେଲା । ବସଷ୍ଟାଣ୍ଡ ଶିଶୁମନ୍ଦିର ରାସ୍ତା ଉପରେ ପରିବା ବିକାଳି ବସୁଥିବାରୁ ରାସ୍ତା ଜାମ ହୋଇଯାଉଛି ଓ ଟ୍ରାଫିକ ସମସ୍ୟା ଉପୁଜୁଛି । ତୁରନ୍ତ ସେଠାରୁ ପରିବା ବିକାଳିଙ୍କୁ ପିଣ୍ଡି ଉପରେ ବସିବାକୁ ଉପଯୁକ୍ତ ବ୍ୟବସ୍ଥା କରିବାକୁ ଦାବୀ ହେଉଛି । ଏ ସମ୍ବନ୍ଧରେ ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଦିଗାମ୍ବର ପ୍ରଧାନକୁ ପଚାରିବାରୁ କହିଛନ୍ତି ମୁଁ ଆମ ଷ୍ଟାଫକୁ କହି ତାହା କରାଉଛି, ସେମାନେ ଦେଖିବେ । ଉଲ୍ଲେଖ କରାଯାଇପାରେ କି ନିୟନ୍ତ୍ରିତ ବଜାର କମିଟି ଅଧିନରେ ଥିବା ଥାନା ସମ୍ମୁଖ ମାର୍କେଟ ବିଲ୍ଡିଙ୍ଗ, ଗାନ୍ଧି ଛକ ନିକଟ ମାର୍କେଟ ବିଲ୍ଡିଙ୍ଗ ଓ ଦୈନିକ ବଜାର ମାର୍କେଟ ବିଲ୍ଡିଙ୍ଗ ମରାମତି ଅଭାବରୁ ଜରାଜିର୍ଣ୍ଣ ହେବାକୁ ବସିଲାଣି । ତାର ମରାମତି ହୋଇପାରୁ ନାହିଁ । ତୁରନ୍ତ ଏ ଦିଗରେ ନିୟନ୍ତ୍ରିକ ବଜାର କମିଟି ଦୃଷ୍ଟି ଦେବାକୁ ଦାବୀ ହେଉଛି ।

କେନ୍ଦୁଝର ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ୬ଟି ନିର୍ବାଚନମଣ୍ଡଳୀରେ ପ୍ରତିବାଦ ସଭା ଓ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର କହିଛନ୍ତି

ସୁଷମ ଖାଦ୍ୟ ବଂଟନ କରୁଛି ମନ୍ତ୍ରବାସୁଳୀ ସ୍ୱୟଂ ସହାୟକ ଗୋଷ୍ଠୀ

ଭଦ୍ରକ,୧୦/୪(ନି/ପ୍ର): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକର ଆଳମଙ୍ଗା ଠାରେ ଥିବା ମା'ମନ୍ତ୍ରବାସୁଳି ସ୍ୱୟଂ ସହାୟକ ଗୋଷ୍ଠୀ ସୁଷମ ଖାଦ୍ୟ ବଂଟନ କରି ଆସୁଛି । ରାଜ୍ୟ ସରକାର ଶିଶୁ ,କିଶୋରୀ,ଗର୍ଭବତୀ ଓ ପ୍ରସୂତି ମା' ମାନଙ୍କ ପାଇଁ ଛତୁଆ, ସୁଜି, ମୁଢି,ବେସନ, ବାଦାମ ଲଡୁ, ସୋଲା, ଖଜୁରୀ ଆଦିରେ ଖାଦ୍ୟ ପ୍ରସ୍ତୁତ କରି ବଂଟନ କରି ଆସୁଛନ୍ତି । ଦୀର୍ଘବର୍ଷ ଧରି ଏହି ବ୍ଲକରେ ମା'ମନ୍ତ୍ର ବାସୁଳୀ ସ୍ୱୟଂ ସହାୟକ ଗୋଷ୍ଠୀ ସାମଗ୍ରୀମାନ ଯୋଗାଇ ଆସୁଛନ୍ତି । ଖାଦ୍ୟର ମାନ ଓ ଓଜନକୁ ନେଇ ବିଭିନ୍ନ ସମୟରେ ଅଭିଯୋଗ ମାନ ଶୁଣାଯାଉଥିଲେ ମଧ୍ୟ ଏହି ସ୍ୱୟଂ ସହାୟକ ଗୋଷ୍ଠୀ ନିଜର ଗୁଣବତା ବଜାୟ ରଖିଛି । ୭ରୁ ୩ ବର୍ଷ ଶିଶୁ ଓ ଗର୍ଭବତୀ/ପ୍ରସୁତୀ ମହିଳାଙ୍କ ପାଇଁ ଛତୁଆ ଏଥିରେ ଗହମ, ବୁଟ, ଚିନା ବାଦାମ, ଚିନି ମିଶ୍ରିତ କରାଯାଇ ପୃଷ୍ଟିକର କରାଯାଉଛି ।

ବିବିଧା

ଆଜିର ରାଶିଫଳ

ମେଷ: କୌଣସି କଥାକୁ ନେଇ ମନ ବିଚଳିତ ହୋଇପାରେ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ମହିଳାମାନଙ୍କ ମନୋସ୍କାମନା ପୂର୍ଣ୍ଣ ହୋଇପାରେ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

ବୃଷ: ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିପାରନ୍ତି। ଅଚାନକ ଧନ ବୃଦ୍ଧି ପାଇବ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ। ଦୂରସ୍ଥାନକୁ ଯାତ୍ରା ଯୋଗ ରହିଛି। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି।

ମିଥୁନ: ଅଚାନକ ଖୁସି ଖବର ପାଇବେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂଆ କାମ ଆରମ୍ଭ କରିପାରନ୍ତି। ଅନ୍ୟମାନଙ୍କୁ ସାହାଯ୍ୟ କରି ପ୍ରଶଂସିତ ହୋଇପାରନ୍ତି। ନୂତନ ଯାନବାହନ କ୍ରୟ ଯୋଗ ରହିଛି।

କର୍କଟ: ଅଫିସ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଯୋଜନା ମୁତାବକ କାମ କରନ୍ତୁ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖାଦେଇ ପାରେ। ଯାନବାହନ କିଣିପାରନ୍ତି।

ସିଂହ: ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ମାନସମ୍ମାନ ବୃଦ୍ଧି ପାଇବ। ଖର୍ଚ୍ଚ ବଢ଼ିପାରେ।

କନ୍ୟା: ଯୋଜନା ମୁତାବକ କାମ କରନ୍ତୁ। ସକାରାତ୍ମକ ଚିନ୍ତା ଠିକ୍ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। ପରବର୍ତ୍ତୀଠାରୁ ଦୂରେଇ ରୁହନ୍ତୁ। ଅଫିସ୍‌ରେ ନୂଆ କାମ ମିଳିପାରେ।

ତୁଳା: ଅଚାନକ ଖୁସି ଖବର ପାଇବେ। ଦୀର୍ଘ ଦିନର ଆଶା ପୂରଣ ହେବ। ପରିବାର ସଦସ୍ୟଙ୍କ ସହିତ ସମୟ ଅତିବାହିତ ହେବ। ଅତ୍ୟଧିକ କାମକୁ ନେଇ ଚିନ୍ତା ବଢ଼ିପାରେ। ପେଟଜନିତ ସମସ୍ୟା ହୋଇପାରେ।

ବିଛା: ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିବେ। ଇଚ୍ଛା ପୂରା ହେବ। କଳାକାରଙ୍କ ପାଇଁ ଆଜି ଦିନଟି ବହୁତ ଭଲ। ପୁରୁଣା ନିବେଶରୁ ଲାଭ ମିଳିପାରେ। ପତିପତ୍ନୀଙ୍କ ମଧ୍ୟରେ ଭୁଲ ବୁଝାମଣା ହୋଇପାରେ।

ଧନୁ: ଆଜିର ଦିନରେ ବ୍ୟସ୍ତ ରହିପାରନ୍ତି। ଅଟକି ଥିବା ଧନ ଫେରି ପାଇବେ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ତ୍ୱଚା ସମସ୍ୟା ଭୋଗି ପାରନ୍ତି।

ମକର: ଦିନଟି ସୁଖପ୍ରଦାନ କରିବ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ଆୟ ଅନୁସାରେ ଅଧିକ ଖର୍ଚ୍ଚ ହେବ। ଲୋକପ୍ରିୟତା ବୃଦ୍ଧି ପାଇବ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

କୁମ୍ଭ: ନୂତନ ବ୍ୟବସାୟ ଆରମ୍ଭ କରିବାକୁ ବର୍ତ୍ତମାନ ସମୟ ଅନୁକୂଳ। ଅଟକି ଥିବା କାମ ପୂରା ହେବ। ଅନେକ ଖୁସି ଖବର ମିଳିପାରେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂଆ କାମ ଆରମ୍ଭ କରିବେ।

ମୀନ: ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ଘର ପାଇଁ ମୂଲ୍ୟବାନ ସାମଗ୍ରୀ କିଣିବେ। ଅଯଥା ଖର୍ଚ୍ଚ କରିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ।

ଆଜିର ଐତିହ୍ୟ

- ୧୮୭୫- ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଆର୍ଯ୍ୟସମାଜର ସ୍ଥାପନା କଲେ।
- ୧୯୩୦- ପ୍ରଥମ ଥର ସିନ୍ଥେଟିକ୍ ରବର ଉତ୍ପାଦନ ଆରମ୍ଭ ହେଲା।
- ୧୯୭୨- ଇରାନ୍‌ରେ ଭୂମିକମ୍ପ ଯୋଗୁଁ ୫୦୦୦ ଲୋକଙ୍କ ପ୍ରାଣହାନି।
- ୨୦୧୬- କେରଳର ପୁଟିଙ୍ଗଲ ମନ୍ଦିରରେ ବାଣ ବିସ୍ଫୋରଣ ଯୋଗୁଁ ଅଗ୍ନିକାଣ୍ଡ ଘଟି ପାଖାପାଖି ୧୧୦ ଲୋକ ମୃତ, ୩୦୦ରୁ ଅଧିକ ଆହତ।

ମୋ'ରେ ରିଲିଜ୍ ହେବନି 'ମାତୃଭୂମି'

ବଲିଉଡ଼ର ଦବଙ୍ଗ ଖାନ୍ ସଲମାନ୍‌ଙ୍କ ଫିଲ୍ମ 'ମାତୃଭୂମି'କୁ ତାଙ୍କ ପ୍ରଶଂସକମାନେ ଅନେକ ଦିନରୁ ଅପେକ୍ଷା କରିଛନ୍ତି। ଅପୂର୍ବ ଲାଖିଆଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ନାମ ପ୍ରଥମେ 'ବ୍ୟାଟେଲ୍ ଅଫ୍ ଗଲୱାନ୍' ରଖାଯାଇଥିଲା। ଏହାର କାହାଣୀ ୨୦୨୦ରେ ଭାରତ-ଚୀନ୍ ସୈନିକଙ୍କ ମଧ୍ୟରେ ଗଲୱାନ୍ ଘାଟିରେ ହୋଇଥିବା ସଂଘର୍ଷ ଉପରେ ଆଧାରିତ। ଏହି ଘଟଣାରେ ଭାରତୀୟ ସେନାର ଯବାନମାନେ ଅତି କଠିନ ପରିସ୍ଥିତିରେ ଅପୂର୍ବ ସାହସିକତା ପ୍ରଦର୍ଶନ କରିଥିଲେ। ଏହା ଏପ୍ରିଲ ୧୭ରେ ରିଲିଜ୍ ହେବାର ଥିଲା। ହେଲେ ଫିଲ୍ମର ସୁଟିଂ ଡେରି ହେବାରୁ ଏହାର ରିଲିଜ୍‌କୁ ଏବେ ଘୁଞ୍ଚାଇ ଦିଆଯାଇଛି। ଅପରପକ୍ଷରେ ସଲମାନ୍ ଏହି ଫିଲ୍ମକୁ ୧୫ ମେ ରିଲିଜ୍ କରିବାକୁ ଚାହୁଁଥିଲେ। ସେନ୍ସର ବୋର୍ଡରୁ 'ମାତୃଭୂମି'କୁ ସାର୍ଟିଫିକେଟ୍ ନ ମିଳିବାରୁ ଏବେ ଏହା ମେ'ରେ ରିଲିଜ୍ ହୋଇପାରିବ ନାହିଁ। ତେବେ 'ମାତୃଭୂମି' ରିଲିଜ୍ ନ ହେଲେ ବି ସଲମାନ୍ ତାଙ୍କର ଆଗାମୀ ପ୍ରୋଜେକ୍ଟର କାମ ଏପ୍ରିଲ୍ ୧୭ରୁ ଆରମ୍ଭ କରିଦେବେ। ଏହାର ଟାଇଟଲ୍ 'SVC63' ରଖାଯାଇଛି। ବାମଶୀ ପୈଡିପଲ୍ଲୀ ଏହାର ନିର୍ଦ୍ଦେଶନା ଦେଉଛନ୍ତି। ଏଥିରେ ସଲମାନ୍‌ଙ୍କ ବିପକ୍ଷରେ ନୟନତାରା ନଜର ଆସିବେ।



ପ୍ରତିବର୍ଷ ଏପ୍ରିଲ୍ ୧୦ ତାରିଖକୁ 'ବିଶ୍ୱ ହୋମିଓପାଥି ଦିବସ' ଭାବେ ପାଳନ କରାଯାଏ। ହୋମିଓପାଥିର ଜନକ ଜର୍ମାନ ଡାକ୍ତର କ୍ରିଷ୍ଟିଆନ୍ ଫ୍ରେଡରିକ୍ ସାମୁଏଲ୍ ହାନିମ୍ୟାନଙ୍କ ଜନ୍ମଦିନ ଅବସରରେ ଏହି ଦିବସ ପାଳିତ ହୁଏ। ୧୭୫୫ ମସିହା ଏପ୍ରିଲ୍ ୧୦ ତାରିଖରେ ସାମୁଏଲ୍ ଜନ୍ମଗ୍ରହଣ କରିଥିଲେ। ତେଣୁ ତାଙ୍କ ଜନ୍ମ ତାରିଖକୁ ବିଶ୍ୱବ୍ୟାପି ହୋମିଓପାଥି ଦିବସ ଭାବେ ପାଳନ କରାଯାଉଛି। ହୋମିଓପାଥି ପ୍ରତି ତାଙ୍କର ଅବଦାନକୁ ମନେପକାଇବା ମଧ୍ୟ ଏହି ଦିବସ ପାଳନ ପଛର ଅନ୍ୟ ଏକ ମୁଖ୍ୟ ଉଦ୍ଦେଶ୍ୟ। ପ୍ରଥମ ବିଶ୍ୱ ହୋମିଓପାଥି ଦିବସ ୨୦୦୫ରେ ପାଳନ କରାଯାଇଥିଲା। ନୂଆଦିଲ୍ଲୀରେ ଆୟୋଜିତ ବାର୍ଷିକ ସମ୍ମିଳନୀରେ ବିଶ୍ୱ ହୋମିଓପାଥି ସଚେତନତା ସଂଗଠନ ଦ୍ୱାରା ଆନୁଷ୍ଠାନିକ ଭାବରେ ଏହାର ଘୋଷଣା କରାଯାଇଥିଲା। ସେହିଦିନଠାରୁ ବିଭିନ୍ନ ସଂଗଠନ ଏବଂ ସରକାରୀ, ବେସରକାରୀସ୍ତରରେ ଏହି ଦିନରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ହୋମିଓପାଥି ଏବଂ ଏହାର ଉପକାରିତା ବିଷୟରେ ସଚେତନତା ପାଇଁ ସେମିନାର, କର୍ମଶାଳା, ମାଗଣା କ୍ଲିନିକ୍, ସର୍ବସାଧାରଣ ଆଲୋଚନା ଆଦି କରାଯାଏ। ଏଲୋପାଥି ଚିକିତ୍ସା ପରେ ବିଶ୍ୱରେ ଦ୍ୱିତୀୟ ଲୋକପ୍ରିୟ ଚିକିତ୍ସା ପଦ୍ଧତିର ମାନ୍ୟତା ପାଇଛି ହୋମିଓପାଥି। ବହୁ ଜଟିଳ ଓ ପୁରାତନ ରୋଗକୁ ହୋମିଓପାଥି ଚିକିତ୍ସା ମାଧ୍ୟମରେ ଭଲ କରିବାର ନଜିର ରହିଛି। ପୂର୍ବରୁ ପାରମ୍ପରିକ ଢଙ୍ଗରେ ହୋମିଓପାଥି ଚିକିତ୍ସା ଚାଲିଥିଲାବେଳେ ଏବେ ଅତ୍ୟାଧୁନିକ ପ୍ରଣାଳୀରେ ଗବେଷଣା କରାଯାଇ ଔଷଧ ପ୍ରସ୍ତୁତ କରାଯାଉଛି। ହୋମିଓପାଥି ହେଉଛି ଏକ ଦୀର୍ଘକାଳୀନ, ସୁରକ୍ଷିତ ଓ ପ୍ରାକୃତିକ ଚିକିତ୍ସା ପଦ୍ଧତି। ଏହା ଶରୀରର ସ୍ୱୟଂ-ସୁସ୍ଥ ହେବାର କ୍ଷମତାକୁ ବୃଦ୍ଧି କରିବା ସହ ରୋଗକୁ ଜଡ଼ରୁ ନାଶ କରିବା ପାଇଁ ଲାଭକାରୀ। ଯଦି ସଠିକ୍ ପରାମର୍ଶ ଓ ଧୈର୍ଯ୍ୟର ସହିତ ଏହି ଚିକିତ୍ସାକୁ ଆପଣାଯାଏ, ତେବେ ଏହା ଦୀର୍ଘକାଳୀନ ସ୍ୱାସ୍ଥ୍ୟ ପାଇଁ ଉପକାରୀ ହୋଇପାରେ। ଏହି ଚିକିତ୍ସା ପଦ୍ଧତି ସରଳ, ପାର୍ଶ୍ୱ ପ୍ରତିକ୍ରିୟାବିହୀନ ଏବଂ ସ୍ୱଳ୍ପ ବ୍ୟୟଯୁକ୍ତ ହୋଇଥିବାରୁ ଏହା ସାରା ବିଶ୍ୱରେ ୮୦ରୁ ଅଧିକ ଦେଶରେ ବହୁଳ ଭାବରେ ପ୍ରଚାରିତ ହୋଇପାରିଛି।

ଜେନ୍ ଜେଡ୍‌ଙ୍କ ପସନ୍ଦ ଅପରିଚିତଙ୍କ ସହ ଯାତ୍ରା କରିବା

ଆଜିର ସମୟରେ ଜେନ୍ ଜେଡ୍‌କୁ ନେଇ ବିଭିନ୍ନ ନୂଆ ନୂଆ ଟ୍ରେଣ୍ଡ ସାମ୍ନାକୁ ଆସୁଛି। ଏହି କ୍ରମରେ ଏବେ ଏକ ନୂଆ ଟ୍ରେଣ୍ଡ ଖୁବ୍ ଭାଇରାଲ ହେଉଛି। ଏଥିରେ ପରିବାର କିମ୍ବା ସାଙ୍ଗସାଥୀ ନୁହନ୍ତି, ବରଂ ଅଜଣା ଲୋକଙ୍କ ସହିତ ଜେନ୍ ଜେଡ୍ ବୁଲିବାକୁ ପସନ୍ଦ କରୁଛନ୍ତି। ତେବେ ସେମାନଙ୍କ ପାଇଁ ଏକାକୀ ଯାତ୍ରା କରିବା ବର୍ତ୍ତମାନ ସମୟରେ କୌଣସି ନୂଆ କଥା ନୁହେଁ। କହିବାକୁ ଗଲେ ଆଜିର ପିଢ଼ିକୁ କଟକଣା ଆଦୌ ପସନ୍ଦ ନୁହେଁ। ସେମାନେ ନିଜ ମନ ହିସାବରେ କାମ କରିବାକୁ ପସନ୍ଦ କରନ୍ତି। ତେବେ ଏ ଟ୍ରେଣ୍ଡ ପଛରେ କାରଣ ଥିବା କୁହାଯାଉଛି। ବର୍ତ୍ତମାନ ଲୋକେ ନିଜ ଜୀବନଶୈଳୀରେ ଏତେ ବେଶି ବ୍ୟସ୍ତ ରହି ଯାଉଛନ୍ତି ଯେ, ବାହାରେ ଲୋକଙ୍କ ସହ ମିଳାମିଶା କରିବା ବନ୍ଦ କରିଦେଲେଣି। ପରିବାରର କଟକଣା ସତ୍ତ୍ୱେ ଜେନ୍ ଜେଡ୍ ନିଜ ଜୀବନକୁ ନିଜ ହିସାବରେ ଜିଇଁବାକୁ ପସନ୍ଦ କରୁଛନ୍ତି। ସେମାନେ ଅଜଣା ଲୋକଙ୍କ ସହ ଯାତ୍ରା କରିବା ଦ୍ୱାରା ନୂଆ ଚିନ୍ତାଧାରା, ନୂଆ ସଂସ୍କୃତି ଏବଂ ଅଲଗା ଅଲଗା ଜୀବନଶୈଳୀକୁ ଭଲ ଭାବେ ବୁଝିପାରୁଛନ୍ତି। ସେହିପରି ନୂଆ ଲୋକଙ୍କ ସହ ଯାତ୍ରା କରିବା ଦ୍ୱାରା ଉତ୍ସାହ ଓ ଉତ୍ସୁକତା ଅଧିକ ରହିଥାଏ। କେବଳ ସେତିକି ନୁହେଁ, ସାମାଜିକ ସଂଯୋଗ ଏବଂ ଅଧିକରୁ ଅଧିକ ଲୋକଙ୍କ ସହ ମିଳାମିଶା କରିବା ଏବଂ କଥା ହେବାକୁ ଜେନ୍ ଜେଡ୍ ବେଶି ପସନ୍ଦ କରୁଛନ୍ତି। ଏହା ବନ୍ଧୁତ୍ୱ ସହିତ ସେମାନଙ୍କର ଏକପ୍ରକାର ବ୍ୟକ୍ତିତ୍ୱ ବିକାଶରେ ସାହାଯ୍ୟ କରୁଛି। ଅଲଗା ଅଲଗା ଲୋକଙ୍କ ସହିତ କଥାବାର୍ତ୍ତା କରିବା ଦ୍ୱାରା ସେମାନଙ୍କ ଚିନ୍ତାଧାରାକୁ ବୁଝିବା ଏବଂ ଜାଣିବାର ସୁଯୋଗ ମିଳିପାରୁଛି। ଅନ୍ୟପଟେ ଯେତେବେଳେ ଅଜଣା ଲୋକଙ୍କ ସହିତ ଯାତ୍ରା କରାଯାଏ କେବଳ ଦୁଃସାହସିକ କାମ ନୁହେଁ ବରଂ ନିଜକୁ ବୁଝିବାର ଏକ ଭଲ ସୁଯୋଗ ମଧ୍ୟ ମିଳିଥାଏ।

ପ୍ଲାଷ୍ଟିକ୍ ବର୍ଜ୍ୟ ବଦଳରେ ପୁରସ୍କାର

ଚେନ୍ନାଇର ମରିନା ବିଚ୍‌ରେ ସ୍ୱଚ୍ଛତାକୁ ନେଇ ଏକ ନିଆରା ଅଭିଯାନ ଆରମ୍ଭ କରାଯାଇଛି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଏବେ ଏହା କେବଳ ବୁଲିବାର ସ୍ଥାନ ହୋଇ ନାହିଁ, ବରଂ ସ୍ୱଚ୍ଛତା ଏବଂ ପରିବେଶ ସଂରକ୍ଷଣର ଏକ ପ୍ରେରଣାପ୍ରଦ ଉଦାହରଣ ସୃଷ୍ଟି କରିଛି। ଏଠାରେ ଏକ ନୂତନ ଅଭିଯାନ ମାଧ୍ୟମରେ ଲୋକଙ୍କୁ ପ୍ଲାଷ୍ଟିକ୍ ବର୍ଜ୍ୟ ଜମା କରିବା ଦ୍ୱାରା ପୁରସ୍କାର ମିଳୁଛି। ଏହାଦ୍ୱାରା ସାଧାରଣ ଲୋକେ ସଫେଇ ଅଭିଯାନର ଅଂଶ ପାଲଟୁଛନ୍ତି। ଏହି ସମୁଦ୍ରକୂଳରେ ଲଗାଯାଇଥିବା ଏକ ବିଶେଷ ମେସିନ୍ ଏବଂ କଲେକ୍ସନ ପଏଣ୍ଟରେ ଲୋକେ ପ୍ଲାଷ୍ଟିକ୍ ବୋତଲ ଏବଂ ଅନ୍ୟ ବର୍ଜ୍ୟ ଜମା କରିପାରିବେ। ଏହା ବଦଳରେ ସେମାନଙ୍କୁ ପୁରସ୍କାର, କୁପନ୍ ଏବଂ ଅନ୍ୟ ସୁବିଧା ପ୍ରଦାନ କରାଯାଉଛି। ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଲୋକଙ୍କୁ ପ୍ଲାଷ୍ଟିକ୍ ବର୍ଜ୍ୟ ଫିଙ୍ଗିବା ପରିବର୍ତ୍ତେ ଏସବୁକୁ ଏକତ୍ର କରିବା ଦିଗରେ ପ୍ରେରିତ କରିବା। ବେଳାଭୂମିକୁ ସ୍ୱଚ୍ଛ ରଖିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏହି ଯୋଜନାର ବଡ଼ ବିଶେଷତ୍ୱ ହେଉଛି, ଏଥିରେ ସାଧାରଣ ଲୋକେ ସାମିଲ ହେଉଛନ୍ତି। ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକ ନିଜେ ଆବର୍ଜନା ଉଠାଇ ଜମା କରୁଛନ୍ତି। ଛୋଟ ଛୋଟ ପିଲା ଓ ଯୁବପିଢ଼ିଙ୍କର ଏଥିପ୍ରତି ଖାସ୍ ଉତ୍ସାହ ଦେଖିବାକୁ ମିଳୁଛି। ମୋଟାମୋଟି କହିବାକୁ ଗଲେ ଏହି ବେଳାଭୂମିରେ ସଫେଇ କାର୍ଯ୍ୟ ଏବେ କେବଳ ଦାୟିତ୍ୱ ହୋଇ ରହି ନାହିଁ, ବରଂ ପୁରସ୍କୃତ କାର୍ଯ୍ୟକଳାପ ପାଲଟିଛି। ତେବେ ଏହି ପ୍ଲାଷ୍ଟିକ୍ ଆବର୍ଜନା ସମୁଦ୍ର ଏବଂ ସାମୁଦ୍ରିକ ଜୀବଙ୍କ ଲାଗି ଖୁବ୍ କ୍ଷତିକାରକ। ଏହି ଅଭିଯାନ ଦ୍ୱାରା ସମୁଦ୍ରରେ ପ୍ଲାଷ୍ଟିକ୍ ହ୍ରାସ ପାଇବ, ସାମୁଦ୍ରିକ ଜୀବଙ୍କୁ ସୁରକ୍ଷା ପ୍ରଦାନ କରାଯାଇପାରିବ ଏବଂ ବେଳାଭୂମି ସୌନ୍ଦର୍ଯ୍ୟକୁ ଅକ୍ଷୁର୍ଣ୍ଣ ରଖାଯାଇପାରିବ। ସମୁଦ୍ରକୂଳର ଏହି ଅଭିଯାନ ଅନ୍ୟ ସହର ଲାଗି ଉଦାହରଣ ସୃଷ୍ଟି କରିଛି। ଏହିପ୍ରକାର ଯୋଜନା ଯଦି ଅନ୍ୟ ପର୍ଯ୍ୟଟନସ୍ଥଳରେ ଆରମ୍ଭ କରାଯିବ, ଭାରତରେ ସ୍ୱଚ୍ଛତା ଅଭିଯାନ ଅଧିକ ମଜବୁତ ହୋଇପାରିବ ବୋଲି ଆଶା କରାଯାଉଛି।

ସଞ୍ଜୀବନୀ

ହିମୋଗ୍ଲୋବିନ୍ ଇଲେକ୍ଟ୍ରୋଫୋରେସିସ୍

ହିମୋଗ୍ଲୋବିନ୍ ଲୋହିତ ରକ୍ତ କଣିକାରେ ମିଳୁଥିବା ଏକ ପ୍ରୋଟିନ୍। ଯାହାକି ଶରୀରର କୋଷିକାକୁ ଅମ୍ଳଜାନ ପହଞ୍ଚାଇବାର କାମ କରିଥାଏ। ଶରୀରରେ ହିମୋଗ୍ଲୋବିନ୍ କମ୍ ହେବା ରକ୍ତହୀନତାର ସଙ୍କେତ ଦେଇଥାଏ। ତେବେ ବଂଶାନୁଗତ ରକ୍ତଜନିତ ରୋଗ (ଥାଲାସେମିଆ) ଏବଂ ସିକିଲ୍‌ସେଲ୍ ରୋଗ ଆଦି ଚିହ୍ନଟ ପାଇଁ ହିମୋଗ୍ଲୋବିନ୍ ଇଲେକ୍ଟ୍ରୋଫୋରେସିସ୍ ରକ୍ତ ପରୀକ୍ଷା କରାଯାଏ। ଏହି ପରୀକ୍ଷାରେ ବ୍ୟବହୃତ ବୈଦ୍ୟୁତିକ ପ୍ରଣାଳୀ ବିଭିନ୍ନ ପ୍ରକାର ହିମୋଗ୍ଲୋବିନ୍ ଚିହ୍ନଟ କରେ। ଆନିମିଆରେ ପୀଡ଼ିତ ଶିଶୁଙ୍କ ପାଇଁ ଏହି ପରୀକ୍ଷା ଗୁରୁତ୍ୱପୂର୍ଣ୍ଣ। ଏହା ଏକ ସୁରକ୍ଷିତ ରକ୍ତ ପରୀକ୍ଷା। ବିବାହ ପୂର୍ବରୁ ଏବଂ ଗର୍ଭଧାରଣ ପୂର୍ବରୁ ଏହି ପରୀକ୍ଷା କରାଯିବା ନିହାତି ଆବଶ୍ୟକ। ଏହି ପରୀକ୍ଷା ଭବିଷ୍ୟତରେ ବଂଶାନୁଗତ ରକ୍ତଜନିତ ରୋଗକୁ ଚିହ୍ନଟ କରିପାରେ। ସଠିକ ରୋଗ ଚିହ୍ନଟ ଦ୍ୱାରା ସଠିକ୍ ସମୟରେ ଚିକିତ୍ସା କରାଯିବା ସମ୍ଭବ ହୁଏ।

ମହିଳାଙ୍କ ପାଇଁ ଜରୁରି ଓମେଗା-୩

ଓମେଗା ୩ ଫ୍ୟାଟି ଏସିଡ୍ ହେଉଛି ଏକ ପୁଷ୍ଟିକର ଉପାଦାନ। ଏହା ଚକ୍ଷୁ, ମାନସିକ ସ୍ୱାସ୍ଥ୍ୟ, ହୃଦୟ, ଫୁସ୍‌ଫୁସ୍ ଆଦି ପାଇଁ ଭଲ। ଓମେଗା-୩ର ତିନୋଟି ମୁଖ୍ୟ ପ୍ରକାର ରହିଛି। EPA, DHA, ALA। EPA ଏବଂ DHA ମାଛ ଏବଂ ମାଛ ତେଲରେ ମିଳେ। ALA ଏକ ଉଦ୍ଭିଦ ଆଧାରିତ। ଏହା ଅଳସୀ, ବାଦାମ ଆଦିରେ ମିଳିଥାଏ। ତେବେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ପୁରୁଷଙ୍କ ତୁଳନାରେ ମହିଳାଙ୍କୁ ଓମେଗା ୩ର ଆବଶ୍ୟକତା ଅଧିକ ଥାଏ। କାରଣ ଋତୁସ୍ରାବ ସମୟରେ ମହିଳାଙ୍କ ପେଟ, ଗୋଡ ଯନ୍ତ୍ରଣା ହୋଇଥାଏ। ଏହି ଯନ୍ତ୍ରଣାରୁ ଉପଶମ ପାଇଁ ଓମେଗା-୩ ଫ୍ୟାଟି ଏସିଡ ଫଳପ୍ରଦ। ୪୦ ବର୍ଷ ପରେ ମହିଳାଙ୍କୁ ଆର୍ଥ୍ରାଇଟିସ୍ ହେବା ଆଶଙ୍କା ଥାଏ। ଏହା ସେମାନଙ୍କ ରୋଗପ୍ରତିରୋଧକ ଶକ୍ତିକୁ ପ୍ରଭାବିତ କରିପାରେ। ତେଣୁ ଗଣ୍ଠି ଯନ୍ତ୍ରଣା ଦୂର ସହ ହରମୋନ୍ ସନ୍ତୁଳନ ପାଇଁ ଓମେଗା-୩ ଫ୍ୟାଟି ଏସିଡ ଫଳପ୍ରଦ। ଏହା କୋଲେଷ୍ଟ୍ରଲସ୍ତରକୁ ନିୟନ୍ତ୍ରଣ କରି ହୃଦ୍‌ଘାତର ଆଶଙ୍କା କମାଇଥାଏ। ଚିନ୍ତା ଓ ଅବସାଦ ସମସ୍ୟାରୁ ମୁକ୍ତି ଦେବାରେ ସାହାଯ୍ୟ କରେ। ତେଣୁ ଖାଦ୍ୟରେ ଚର୍ବି ମାଛ (ସାଲମନ, ଟୁନା) ଦହି, ଅଳସୀ ମଞ୍ଜି, ସବୁଜ ପନିପରିବା ଆଦି ଖାଇ ପାରିବେ।

କୋଲେଷ୍ଟ୍ରଲ ପାଇଁ ନିର୍ଦ୍ଦେଶାବଳୀ

ଆମେରିକାନ୍ ହାର୍ଟ ଆସୋସିଏସନ୍ (ଏଏଚ୍ଏ) ଏବଂ ଆମେରିକାନ୍ କଲେଜ ଅଫ୍ କାର୍ଡିଓଲୋଜି (ଏସିସି) କୋଲେଷ୍ଟ୍ରଲକୁ ନେଇ ନୂତନ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଏଲ୍‌ଡିଏଲ୍ (ଖରାପ କୋଲେଷ୍ଟ୍ରଲ) କୁ କମ୍ କରିବା ଏହି ନିର୍ଦ୍ଦେଶାବଳୀର ମୁଖ୍ୟ ଉଦ୍ଦେଶ୍ୟ। ଏଥିରେ କୋଲେଷ୍ଟ୍ରଲସ୍ତର ନିର୍ଦ୍ଦିଷ୍ଟ ମାତ୍ରାରେ ରଖିବା ସହ ଯାଞ୍ଚ ଆବଶ୍ୟକ ବୋଲି ଉଲ୍ଲେଖ ରହିଛି।

ଶରୀରରେ ଖରାପ କୋଲେଷ୍ଟ୍ରଲ ବଢ଼ିଗଲେ ଧମନୀରେ ପ୍ଲାକ୍ ଜମା ହୁଏ। ଏହାଦ୍ୱାରା ହୃଦ୍‌ଘାତ ଏବଂ ମସ୍ତିଷ୍କାଘାତ ଆଶଙ୍କା ବଢ଼ିଯାଏ। ଖରାପ ଜୀବନଶୈଳୀ ଏବଂ ଲଗାତାର ବସି କାମ କରୁଥିବା ଲୋକେ ଏନେଇ ଧ୍ୟାନ ଦେବା ଜରୁରି। ନୂତନ ନିର୍ଦ୍ଦେଶାବଳୀରେ ଖରାପ କୋଲେଷ୍ଟ୍ରଲ ପାଇଁ ଲକ୍ଷ୍ୟକୁ ସାଧାରଣ, ମଧ୍ୟମ ଏବଂ ଉଚ୍ଚ ତିନିଟି ଶ୍ରେଣୀରେ ଭାଗ କରାଯିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି।

ଯେପରିକି ଯଦି ଜଣେ ବ୍ୟକ୍ତି କୌଣସି ରୋଗରେ ପୀଡ଼ିତ ନ ଥିବେ ତାଙ୍କର ଏଲ୍‌ଡିଏଲ୍ ୧୦୦ ଏମ୍‌ଜି/ଡିଏଲ୍‌ରୁ କମ୍ ରହିବା, ରୋଗାକ୍ରାନ୍ତଙ୍କ ଖରାପ କୋଲେଷ୍ଟ୍ରଲ ୭୦ରୁ ତଳକୁ ରହିବା, ପୂର୍ବରୁ ହୃଦ୍‌ଘାତର ଶିକାର ହୋଇଥିବା ବ୍ୟକ୍ତିଙ୍କ ଖରାପ କୋଲେଷ୍ଟ୍ରଲ ୫୫ ଏମ୍‌ଜି/ଡିଏଲ୍‌ରୁ କମ୍ ହେବା ଆବଶ୍ୟକ। ଏବେ ସୁଦ୍ଧା ଲୋକେ ୩୦ ବର୍ଷ ପରେ କୋଲେଷ୍ଟ୍ରଲ ପରୀକ୍ଷା କରୁଥିଲେ। ବର୍ତ୍ତମାନ ୨୦ବର୍ଷରୁ ଲିପିଡ ପ୍ରୋଫାଇଲ ଟେଷ୍ଟକୁ ଗୁରୁତ୍ୱ ଦିଆଯାଇଛି। ପରିବାରରେ ପୂର୍ବରୁ କାହାର ହୃଦଜନିତ ସମସ୍ୟା ଥିଲେ ସେହି ପରିବାରର ପିଲାଙ୍କୁ ୯ରୁ ୧୧ ବର୍ଷ ବୟସରେ ସ୍କ୍ରିନିଂ କରିବା ଜରୁରି। ଏହା ହୃଦ୍‌ରୋଗ ଆଶଙ୍କାକୁ କମ୍ କରିବ। ପ୍ରତି ୪ରୁ ୬ ବର୍ଷରେ ଥରେ ଲିପିଡ୍ ପ୍ରୋଫାଇଲ ଟେଷ୍ଟ ସହ ଏଚ୍ଏସ୍‌ସିଆରପି ଏବଂ କୋରୋନାରୀ କ୍ୟାଲସିୟମ୍ ସ୍କାନ କରିବା ଆବଶ୍ୟକ। ଟୋଟାଲ ରିସ୍କ ପ୍ରୋଫାଇଲ ଚେକ୍ କରିପାରିବେ। ଉଚ୍ଚ କୋଲେଷ୍ଟ୍ରଲ, ମଧୁମେହ, ହୃଦ୍‌ରୋଗ ଆଶଙ୍କା ଥିଲେ ବର୍ଷକୁ ଥରେ କୋଲେଷ୍ଟ୍ରଲ ପରୀକ୍ଷା ଜରୁରି। ଏହା ଦ୍ୱାରା ହୃଦ୍‌ରୋଗର ତୀବ୍ରତା ଓ ସ୍ଥିତି ଜାଣିବା ସହଜ ହେବ। ଲିପିଡ୍ ପ୍ରୋଫାଇଲ ପ୍ୟାନେଲ ଟେଷ୍ଟରୁ ରକ୍ତରେ ଖରାପ ଏବଂ ଭଲ କୋଲେଷ୍ଟ୍ରଲସ୍ତର ଜାଣିହୁଏ। ଏହାବାଦ୍ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଜରୁରି। ସନ୍ତୁଳିତ ଖାଦ୍ୟ ଖାଇବା, ସପ୍ତାହକୁ ଅତି କମ୍‌ରେ ୧୫୦ ମିନିଟ୍ ବ୍ୟାୟାମ (କାର୍ଡିଓ ବ୍ୟାୟାମ) କରିବା, ଧୂମପାନ ତ୍ୟାଗ ସହ ଓଜନ, ରକ୍ତଚାପ ଏବଂ ରକ୍ତ ଶର୍କରାକୁ ନିୟନ୍ତ୍ରଣରେ ରଖିବା ଆବଶ୍ୟକ। ଗର୍ଭବତୀ, ବୟସ୍କ, ମଧୁମେହ ପୀଡ଼ିତଙ୍କୁ ଅଧିକ ଧ୍ୟାନ ଦେବାକୁ ଏହି ନିର୍ଦ୍ଦେଶାବଳୀରେ କୁହାଯାଇଛି।

ଘର ବଇଦ: ନାକରୁ ରକ୍ତ ପଡ଼ିଲେ ...

- ଦୁବଘାସ ଅଥବା ଦୁବରସରେ ଗୁଆଘିଅ ମିଶାଇ ନସ୍ୟ ନେଲେ ନାକରୁ ରକ୍ତ ପଡ଼ିବା କମିଥାଏ।
- ଆଖୁ ତୋରାଣି ନାକରେ ପକାଇଲେ ରକ୍ତସ୍ରାବ ବନ୍ଦ ହୁଏ।
- ଆମ୍ବ କୋଇଲି ଓ ପିଆଜ ଏକତ୍ର ଛେଚି ତାର ରସ ନସ୍ୟ ନେବା ହିତକର।
- ପିଟିକରି ଫୁଲା ଚୂର୍ଣ୍ଣ, ଗୋବର ପାଉଁଶ ଓ କାଗଜ ଭସ୍ମ ଏକତ୍ର ଶୁଙ୍ଘିବା ଦ୍ୱାରା ନାକରୁ ରକ୍ତସ୍ରାବ ବନ୍ଦ ହୁଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

ଜୀବନୀ ଶକ୍ତିକୁ ସ୍ୱାଭାବିକ କରେ ହୋମିଓପାଥି

ଡାକ୍ତର ଅଜୟ କୁମାର ପଣ୍ଡା

ହୋମିଓପାଥିକ୍ ଚିକିତ୍ସା ବିଜ୍ଞାନର ଜନକ ଡାକ୍ତର ସାମୁଏଲ୍ ହାନିମ୍ୟାନ୍‌ଙ୍କ ଦର୍ଶନ ଏବଂ ଚିକିତ୍ସା ପଦ୍ଧତି ସମଗ୍ର ବିଶ୍ୱରେ ପ୍ରସାର ଲାଭ କରିଛି। ତାଙ୍କ ଦ୍ୱାରା ପ୍ରତିପାଦିତ 'ସିମିଲିଆ ସିମିଲିବସ୍ କ୍ୟୁରେଣ୍ଟର' ନୀତି ହୋମିଓପାଥିକ୍ ଚିକିତ୍ସାର ମୂଳ ସୂତ୍ର ହୋଇ ରହିଛି। ତେଣୁ ହୋମିଓପାଥିକ୍ ଚିକିତ୍ସା ପଦ୍ଧତି ବିଷୟରେ ଅଧିକ ଜାଣିବା ପାଇଁ ଲୋକମାନଙ୍କ ମଧ୍ୟରେ ସଚେତନତା ଆଣିବା ଆବଶ୍ୟକ। ଚିକିତ୍ସା ବିଶେଷତଃ ନାନୋ ବୈଜ୍ଞାନିକ ବିଭାଗ, କେମିଷ୍ଟ୍ରି, ବଟାନି, ଜୁଲୋଜି, ପଶୁସମ୍ପଦ, କୃଷି ଇତ୍ୟାଦି ବିଭିନ୍ନ ବିଭାଗ ସହ ମିଶି ଏକତ୍ର ଗବେଷଣା କରାଯାଇ ରାଜ୍ୟର ପ୍ରତି ପଞ୍ଚାୟତ, ବ୍ଲକ୍, ସବଡିଭିଜନ ଏବଂ ଜିଲ୍ଲାସ୍ତରରେ ହୋମିଓପାଥିକ୍ ଚିକିତ୍ସା କେନ୍ଦ୍ର ସ୍ଥାପନ କରାଗଲେ ଲୋକମାନେ ସହଜ, ସରଳ ଓ ସ୍ୱଳ୍ପ ମୂଲ୍ୟରେ ସ୍ୱାସ୍ଥ୍ୟ ସେବା ପାଇପାରିବେ।

ହୋମିଓପାଥିକ୍ ଏକ ପ୍ରାକୃତିକ, ବିଜ୍ଞାନସମ୍ମତ, ପାର୍ଶ୍ୱ ପ୍ରତିକ୍ରିୟାବିହୀନ ଚିକିତ୍ସା ପଦ୍ଧତି, ଯାହା ଶରୀରରେ ରୋଗ ପ୍ରଭାବରୁ ଅସନ୍ତୁଳିତ ଜୀବନୀ ଶକ୍ତିକୁ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣେ ଏବଂ ଶରୀର ଓ ମନକୁ ସୁସ୍ଥ ରଖେ। ଏହା ଶରୀରରେ ସ୍ୱାଭାବିକ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି କରିବାରେ ସହାୟତା କରେ। ଏହି ଚିକିତ୍ସାର ପ୍ରଭାବ ଶୀଘ୍ର ଦେଖାଯାଏ। ପରସ୍ପର ମଧ୍ୟରେ ସୂଚନା ବିନିମୟ ଏବଂ ଉଭୟର ଚିକିତ୍ସା ପଦ୍ଧତି ବିଷୟରେ ସ୍ୱଚ୍ଛ ହୋଇପାରିଲେ ହୋମିଓପାଥିକ୍ ଆଧୁନିକ ଚିକିତ୍ସା ବିଜ୍ଞାନକୁ ସହାୟକ ହୋଇପାରିବ।

ହୋମିଓପାଥିକ୍ ଚିକିତ୍ସା ବିଜ୍ଞାନ ମଧ୍ୟ ପଶୁପକ୍ଷୀ ଓ ବୃକ୍ଷଲତାଙ୍କ ରୋଗ ଉପରେ କାର୍ଯ୍ୟ କରିଥାଏ, ଯାହା ପ୍ରମାଣସିଦ୍ଧ ହୋଇସାରିଛି। ତେବେ ଏହା ଉପରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି।

ଅବସରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ, ହୋମିଓପାଥି ଆୟୁଷ ନିର୍ଦ୍ଦେଶାଳୟ, ଓଡ଼ିଶା

ଉତ୍କଳ ସମାଚାର

ସମ୍ପାଦକୀୟ...

ଶନିବାର ୧୧ ଏପ୍ରିଲ ୨୦୨୬

ବିଶ୍ୱ ଓଡ଼ିଆ ସମ୍ମିଳନୀ: କେବେ ଓ କେଉଁଠି

ବିଶ୍ୱ ଓଡ଼ିଆ ସମ୍ମିଳନୀ ବିଷୟରେ ଅନେକ ସମୟରେ ଅନେକ ମାନସମନ୍ଥନ କରାଯାଇଛି କିନ୍ତୁ ଏ ପର୍ଯ୍ୟନ୍ତ ଏକ ଆଖିଦୃଶିଆ ସମ୍ମିଳନୀ ଆୟୋଜିତ ହୋଇପାରି ନାହିଁ। ନିକଟ ଅତୀତରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ଭୁବନେଶ୍ୱରରେ। କାନ୍ତକବିଙ୍କ ବିକୃତ ଉଚ୍ଚାରଣ ଆରମ୍ଭରୁ ସମ୍ମିଳନୀର ଗରିମାକୁ ବିଦୀର୍ଣ୍ଣ କରିଥିଲେ ମଧ୍ୟ ସେଠାରେ ଓଡ଼ିଆ ଭାଷା ଓ ସାହିତ୍ୟ ସମ୍ପର୍କରେ କିଛି ଉପାଦେୟ ଆଲୋଚନା ଅବଶ୍ୟ ହୋଇଥିଲା। ବର୍ତ୍ତମାନ ଏକ ଭବ୍ୟ ବିଶ୍ୱ ଓଡ଼ିଆ ସମ୍ମିଳନୀର ଆୟୋଜନ ବିଷୟରେ ଚିନ୍ତା କରାଯିବା ଆବଶ୍ୟକ। ପ୍ରବାସୀ ଭାରତୀୟମାନେ ପୃଥିବୀର ପ୍ରାୟ ସବୁ ଦେଶରେ ଅଛନ୍ତି, ଯେଉଁମାନଙ୍କ ମଧ୍ୟରେ ଓଡ଼ିଆମାନଙ୍କ ସଂଖ୍ୟା ନ୍ୟୂନ ନୁହେଁ- ପ୍ରବାସୀ ଭାରତୀୟମାନଙ୍କ ଉପରେ ଗଭୀର ଅଧ୍ୟୟନ କରି ଲେଖାଲେଖି କରୁଥିବା ଅମିତାଭ ଘୋଷ ବେଶ୍ କିଛି ବର୍ଷ ତଳେ 'ସମ୍ବାଦ'ର ଏକ ଉତ୍ସବରେ ଯୋଗଦେଇ ଏକଥା କହିଥିଲେ। ସିଂହଳ ଠାରୁ ବାଲି-ବୋର୍ଣ୍ଣିଓ ପୁଣି ମାଳୟ ପର୍ଯ୍ୟନ୍ତ ଓଡ଼ିଆ ସାଧବମାନଙ୍କ ଗତାଗତ ତଥା ଶୈଳେନ୍ଦ୍ର ରାଜନ୍ୟବର୍ଗଙ୍କ ସାମ୍ରାଜ୍ୟ ବିଷୟରେ ବିଶ୍ୱ ସୁପରିଚିତ। ବ୍ରିଟିସ ଶାସନ କାଳରେ ବିହାରୀ, ବଙ୍ଗାଳୀ, ଦକ୍ଷିଣୀ ଓ ହିନ୍ଦୁସ୍ତାନୀଙ୍କ ସାଙ୍ଗରେ ଓଡ଼ିଆମାନେ ମଧ୍ୟ ଉପାର୍ଜନ ଅନ୍ୱେଷଣରେ ଦେଶାନ୍ତରୀ ହୋଇଥିଲେ। ମରିସସ୍, ଫିଜି, ମାଲେସିଆ, ଭିଏତନାମ, ମ୍ୟାନମାର, ତ୍ରିନିଦାଦ ଓ ଟୋବାଗୋ ଆଦି ଦେଶ ବହୁସଂଖ୍ୟକ ଓଡ଼ିଆଙ୍କ ନିବାସସ୍ଥଳୀ। ପିଢ଼ି ପିଢ଼ି ଧରି ଓଡ଼ିଆମାନେ ସେଠାରେ ବସବାସ କରୁଥିଲେ ମଧ୍ୟ 'ଓଡ଼ିଆତ୍ୱ'କୁ ପାସୋରି ନାହାନ୍ତି। ସେମାନଙ୍କ ସାଂସ୍କୃତିକ ଜୀବନଧାରାରେ ଓଡ଼ିଶୀ ସ୍ପର୍ଶ ଆଜି ମଧ୍ୟ ସ୍ପଷ୍ଟ। ଓଡ଼ିଶା ବାହାରେ ଓଡ଼ିଆମାନେ ତ ବହୁ କାଳରୁ ପ୍ରତିଷ୍ଠା ଅର୍ଜନ କରିଆସିଛନ୍ତି। ଯେମିତି ଶ୍ରୀଚୈତନ୍ୟ ଉତ୍କଳୀୟ ବ୍ରାହ୍ମଣ ଅଟନ୍ତି ବୋଲି ଗବେଷକମାନଙ୍କ ମତ। ବଙ୍ଗର ପ୍ରସିଦ୍ଧ 'ସୋମପ୍ରକାଶ' ସମ୍ବାଦପତ୍ରର ସମ୍ପାଦକ ଦ୍ୱାରକାନାଥ ବିଦ୍ୟାଭୂଷଣ, ଛୋଟନାଗପୁରର ସୁବିଖ୍ୟାତ ସ୍କୁଲ ଇନ୍ ?ସପେକ୍ଟର ବୀରେଶ୍ୱର ରାୟବାହାଦୂର, ବଙ୍ଗଳା ଗଦ୍ୟର ଅନ୍ୟତମ ଆଦିସ୍ରଷ୍ଟା ମୃତ୍ୟୁଞ୍ଜୟ ବିଦ୍ୟାଳଙ୍କାର, ବଙ୍ଗଳା ବ୍ୟାକରଣକାର ଗଦାଧର ବିଦ୍ୟାବାଗୀଶ, ନାଟ୍ୟକାର ଗୋପାଳ ଦାସ, ବୃନ୍ଦାବନର ଓଡ଼ିଆ ବାବା ପୂଜ୍ୟପାଦ ପୂର୍ଣ୍ଣାନନ୍ଦ ତୀର୍ଥ ପରମହଂସ, ବିହାରର ଚିତ୍ରାଚାର୍ଯ୍ୟ ଶିଳ୍ପୀ ଉପେନ୍ଦ୍ର ମହାରଥୀ, ବ୍ରହ୍ମଦେଶର ବୌଦ୍ଧଭିକ୍ଷୁ ହରିବନ୍ଧୁ ଓରଫ୍ ହଅ-ଡି, କେନ୍ଦ୍ରୀୟ ମହାପ୍ରଦେଶରୁ ସଂବିଧାନ ସଭାରେ ସଦସ୍ୟ ଥିବା ସ୍ୱନାମଧନ୍ୟ ସ୍ୱାଧୀନତା ସଂଗ୍ରାମୀ କିଶୋରୀ ମୋହନ ତ୍ରିପାଠୀ- ଏମାନେ ସମସ୍ତେ ମୂଳତଃ ଓଡ଼ିଆ ବା ଓଡ଼ିଆ ବଂଶୋଦ୍ଭବ। ପେଟ ପାଇଁ ହେଉ କି ପାଠ ପାଇଁ, ସିଦ୍ଧି ପାଇଁ ହେଉ ଅବା ପ୍ରସିଦ୍ଧି ପାଇଁ, ଓଡ଼ିଆମାନଙ୍କର ଦେଶାନ୍ତର ଗମନ ଏକ ସହଜ ଓ ସୁଦୀର୍ଘ ପରମ୍ପରା। ଏହି ପରମ୍ପରା କେବଳ ଅବ୍ୟାହତ ରହିନାହିଁ ବରଂ କାଳକ୍ରମେ ଆହୁରି ସୁଦୃଢ଼ ହୋଇଅଛି। ପ୍ରଶାସକ, ଚିକିତ୍ସକ, ବୈଜ୍ଞାନିକ, ସାଧକ, ଶିଳ୍ପୀ, ଅଭିନେତା ଓ କଣ୍ଠଶିଳ୍ପୀ ଭାବରେ ଓଡ଼ିଆମାନେ ଜଗତଜିତା ହୋଇଛନ୍ତି। ଓଡ଼ିଆ ଅଫିସରମାନେ ଭାରତର ପ୍ରାୟ ପ୍ରତି ପ୍ରଦେଶରେ ଦାୟିତ୍ୱସମ୍ପନ୍ନ ପଦରେ ରହି ନିଜ ପାରଦର୍ଶିତାର ପରିଚୟ ଦେଉଛନ୍ତି। ଶ୍ୟାମଚନ୍ଦ୍ର ତ୍ରିପାଠୀ, ପ୍ରାଣକୃଷ୍ଣ ପରିଜା, ତ୍ରିବିକ୍ରମ ପତି, ତ୍ରିଲୋଚନ ପ୍ରଧାନ ଓ ଜିତେନ୍ଦ୍ର ନାଥ ମହାନ୍ତିଙ୍କ ପରି ପ୍ରଫେସରମାନେ ଏକଦା ଦେଶବିଦେଶରେ ଖୁବ୍ ଯଶ ଅର୍ଜନ କରିଥିଲେ। ଦେଶ ଭିତରେ ବୈଜ୍ଞାନିକ ଭାବରେ ଅଜିତ ମହାନ୍ତି, ବେଦାଙ୍ଗ ଦାସ ମହାନ୍ତି, କୃଷି ବିଜ୍ଞାନୀ ତ୍ରିଲୋଚନ ମହାପାତ୍ର, ପାଣିପାଗ ବିଜ୍ଞାନୀ ମୃତ୍ୟୁଞ୍ଜୟ ମହାପାତ୍ର, ଡାକ୍ତର ରମାକାନ୍ତ ପଣ୍ଡା, ଡାକ୍ତର ମୁକୁଟ ମିଞ୍ଜ, କଣ୍ଠଶିଳ୍ପୀ ସୋନା ମହାପାତ୍ର, ଅଭିନେତ୍ରୀ ନନ୍ଦିତା ଦାସ ଆଦି ଅନେକ ବିଶିଷ୍ଟ ଓଡ଼ିଆ ନିଜ ନିଜର ମୌଳିକତା ପାଇଁ ଖ୍ୟାତିସମ୍ପନ୍ନ ହୋଇଛନ୍ତି। ସେହିପରି ଦେଶ ବାହାରେ ବୈଜ୍ଞାନିକ ଯୋଗେଶ ପତି, ଅର୍ଥନୀତି ବିଶାରଦ ପ୍ରଶାନ୍ତ ପଟ୍ଟନାୟକ, ଫେସନ ଡିଜାଇନର ବିଭୁ ମହାପାତ୍ର, ଡାକ୍ତର ଶୀତକଣ୍ଠ ଦାଶ, ରାଜନୀତି ବିଜ୍ଞାନୀ ଅମିତାଭ ଆଚାର୍ଯ୍ୟ, 'ବ୍ଲାକ୍ ଇଗଲ୍' ପ୍ରକାଶନର ମୁଖ୍ୟ ସତ୍ୟ ପଟ୍ଟନାୟକ, ଡକ୍ଟର ରାଜେନ୍ଦ୍ର ନାରାୟଣ ଦାସ ପ୍ରମୁଖ ବେଶ୍ ସୁନାମଧନ୍ୟ। ଲଣ୍ଡନରେ ଅବସ୍ଥାପିତ ପ୍ରଫୁଲ୍ଲ ମହାନ୍ତି ଏବଂ ସ୍ୱିଡେନରେ ଅଧିଷ୍ଠିତ ପ୍ରଦ୍ୟୁମ୍ନ ମହାନନ୍ଦିଆ ଚିତ୍ରଶିଳ୍ପୀ ଭାବରେ ବିଶ୍ୱବିଦିତ ହେଲେ ମଧ୍ୟ ନିଜ ଓଡ଼ିଆ ପରିଚୟ ଠାରୁ ବିଚ୍ୟୁତ ହୋଇନାହାନ୍ତି। ପୃଥିବୀର ଏମିତି କୌଣସି ଛୋଟବଡ଼ ସହର ନାହିଁ ଯେଉଁଠାରେ ଓଡ଼ିଆ ଉଚ୍ଚାରଣ ଗୁଞ୍ଜରିତ ହେଉନାହିଁ। ଆମ ଆଇ.ଟି. ପ୍ରଫେସନାଲମାନେ ବିଶ୍ୱର କୋଣଅନୁକୋଣରେ ବିଛୁଡ଼ି ହୋଇ ରହିଛନ୍ତି। ଯେଉଁ ପ୍ରଦେଶ ବା ଦେଶରେ ରହିଲେ ମଧ୍ୟ ପ୍ରବାସୀ ଓଡ଼ିଆମାନେ ନିଜ ଚେଷ୍ଟାରେ ସଙ୍ଗଠନମାନ ଗଢ଼ିଛନ୍ତି, ଜଗନ୍ନାଥ ମନ୍ଦିର ତୋଳିଛନ୍ତି ଏବଂ ଓଡ଼ିଆ ଭାଷା, ସାହିତ୍ୟ, ସଙ୍ଗୀତ, ନୃତ୍ୟ ଓ ନାଟକର ପ୍ରଚାରପ୍ରସାର କରୁଛନ୍ତି। ଓଡ଼ିଶା ବାହାରେ ରହୁଥିବାରୁ ସେମାନଙ୍କ ଓଡ଼ିଆପ୍ରୀତିର ପଟାନ୍ତର ନାହିଁ। କିନ୍ତୁ ସାରା ପୃଥିବୀର ଓଡ଼ିଆମାନଙ୍କୁ ଏକତା ସୂତ୍ରରେ ବାନ୍ଧିରଖିବା ପାଇଁ ଏକ ପ୍ରତିଷ୍ଠିତ ଅନୁଷ୍ଠାନ କାହିଁ? ନାହିଁ। ଏକ ଦୃଢ଼ ଅନୁଷ୍ଠାନ ଏବଂ ଓଡ଼ିଶା ସରକାରଙ୍କ ସମର୍ଥନ ବିନା ବିଶ୍ୱବ୍ୟାପୀ ଓଡ଼ିଆଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରିବା ସମ୍ଭବ ନୁହେଁ। ଏଥି ନିମନ୍ତେ ସ୍ଥାୟୀ ସେକ୍ରେଟାରିଏଟ ସହିତ ଏକ ସମର୍ପିତ ସଙ୍ଗଠନ କାର୍ଯ୍ୟରତ ରହିବା ଆବଶ୍ୟକ। ତାମିଲ, ତେଲୁଗୁ, କନ୍ନଡ଼, ମାଲୟାଲୀ ଓ ବଙ୍ଗଳା ବିଶ୍ୱ ସମ୍ମିଳନୀ ପୃଥିବୀର ବିଭିନ୍ନ ସ୍ଥାନରେ ମଧ୍ୟେ ମଧ୍ୟେ କରାଯାଇ ଆସୁଅଛି। ପ୍ରାୟ ପ୍ରତି ସମ୍ମିଳନୀର ସକ୍ରିୟ ସଙ୍ଗଠନ ରହିଛି, ଯାହା ଫଳରେ ସମ୍ମିଳନୀଗୁଡ଼ିକ ସୁରୁଖୁରୁରେ କରାଯାଇପାରୁଛି। ଓଡ଼ିଆମାନଙ୍କର ସଂଘ ପ୍ରାୟ ସବୁ ଦେଶରେ ଅଛି। ସଂଘଗୁଡ଼ିକର ସଂଘ ବା ମହାସଂଘ କିନ୍ତୁ ନାହିଁ। ଫଳରେ ବିଶ୍ୱ ଓଡ଼ିଆ ସମ୍ମିଳନୀର ପଥ ସୁଗମ ହେଉ ନାହିଁ। ତେବେ ଓଡ଼ିଶା ସରକାରଙ୍କ ମାର୍ଗଦର୍ଶନରେ ଉତ୍ସାହୀ ପ୍ରବାସୀ ଓଡ଼ିଆମାନଙ୍କୁ ସଂଗଠିତ କରିବା ସହଜ, ସହଜ ବିଶ୍ୱ ଓଡ଼ିଆ ସମ୍ମିଳନୀର ଆୟୋଜନ। ଅନ୍ତତଃ ଆଧୁନିକ ଓଡ଼ିଶା ପ୍ରଦେଶର ଶତାବ୍ଦୀ ପୂର୍ତ୍ତି ପୂର୍ବରୁ ଥରେ ବା ଦୁଇ ଥର ବିଶ୍ୱ ଓଡ଼ିଆ ସମ୍ମିଳନୀ ଆୟୋଜିତ ହେବା ଅପରିହାର୍ଯ୍ୟ ମନେ ହୁଏ। ବହୁଳ ଓ ଅବିଚାରିତ ପ୍ରୟୋଗ ଯୋଗୁଁ 'ଅସ୍ମିତା' ଶବ୍ଦଟି ଅଧୁନା ନିଜସ୍ୱ ଚମକ ହରାଇବାକୁ ବସିଲାଣି। ଏହି ଅବଧାରଣାର ତର୍ଜମା ନାନା ଭାବରେ କରାଯାଉଛି, କେବେ କେବେ ବିଭ୍ରାନ୍ତିକର ବିଶ୍ଳେଷଣ ମଧ୍ୟ। ତେବେ 'ଅସ୍ମିତା'ର ଅର୍ଥ ଯେ ଏକପ୍ରକାର ହେବ, ତା' ନୁହେଁ। ଯିଏ ଯେମିତି ନିଜ ବିଚାର ମତେ 'ଅସ୍ମିତା'ର ଅର୍ଥ କରନ୍ତୁ, ମନା ନାହିଁ। କିନ୍ତୁ ସରଳ ଓ ସାବଲୀଳ ଭାଷାରେ କହିଲେ ନିଜ ମୂଳ ଖୋଜିବା ହିଁ ଅସ୍ମିତା।

ନୂଆ ପାଠ

ଯୁଦ୍ଧରେ ଥରେ ଅବତୀର୍ଣ୍ଣ ହୋଇଗଲେ ଅଦ୍ୱିତୀୟ ବୀରର ମଧ୍ୟ ଦୁର୍ବଳତମ ବିନ୍ଦୁଟି ଧରା ପଡ଼ିଯାଇଥାଏ, ଯାହା ପରାଭବର କାରଣ ମଧ୍ୟ ହୋଇପାରେ; ଯେମିତି ଟ୍ରୟ ଯୁଦ୍ଧରେ ଗ୍ରୀକ ପୁରାଣର ଅପରାଜେୟ ବୀର ଆକିଲେଙ୍କ ଗୋଇଠି ବା ମହାଭାରତ ଯୁଦ୍ଧରେ ଦୁର୍ଯ୍ୟୋଧନଙ୍କ ଜାନୁ ସେମାନଙ୍କ ପତନର କାରଣ ହୋଇଥିଲା। ଇରାନ ବିରୋଧରେ ଯୁଦ୍ଧକୁ କୁଦି ପଡ଼ି ଆମେରିକା ତା'ର ଅନେକ ଦୁର୍ବଳତାକୁ ପଦାରେ ପକାଇସାରିଲାଣି; 'ଏଫ ୩୫' ଯୁଦ୍ଧ ବିମାନ ତା'ର କିଂବଦନ୍ତିକ ଯଶ ହରାଇଲାଣି। ଯୁଦ୍ଧର ଘନଘଟା ଓ ତୀବ୍ର ଶକ୍ତି ସଂକଟ ମଧ୍ୟରେ ପୃଥିବୀ ସକାଶେ ଯେ ପୁରୁଣା ପାଠ୍ୟକ୍ରମ ବଦଳି ଯାଇ ନୂତନ ସିଲାବସ୍‌ର ପ୍ରବେଶ ଘଟିବାକୁ ଯାଉଛି, ତାହା ସାମାନ୍ୟ ଚିନ୍ତା କଲେ ସ୍ପଷ୍ଟ ହୋଇଥାଏ। ଏହି ନୂଆ ପାଠ୍ୟକ୍ରମରେ ଶିକ୍ଷକ ଭାବେ ଯେଉଁମାନେ ଦୃଶ୍ୟମାନ ହେବାକୁ ଯାଉଛନ୍ତି, ସେମାନେ ହେଲେ ଚୀନ, ଉତର କୋରିଆ ଏପରିକି ଯୁଦ୍ଧ ବିଧ୍ୱସ୍ତ ଇରାନ। କହିବା ବାହୁଲ୍ୟ, ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପର ଠାରୁ ପୃଥିବୀ ଲାଗି ପାଠର ଧାରା ନିର୍ଦ୍ଧାରଣ କରି ଆସୁଥିବା ଯୁକ୍ତରାଷ୍ଟ୍ର ଆମେରିକା, ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱରେ, ସେ ଦକ୍ଷତା ଓ କ୍ଷମତା ହରାଇ ବସିଥିବା ଭଳି ମନେ ହୁଏ। ଏହି ପରିପ୍ରେକ୍ଷୀରେ ସଂଦର୍ଭଟିକୁ ଭଲ ଭାବେ ବୁଝିବାକୁ ହେଲେ ଏକ କ୍ଷୁଦ୍ର ଆଲୋଚନା ପ୍ରାସଙ୍ଗିକ ଭଳି ମନେ ହୋଇଥାଏ। ତେବେ, ପ୍ରଥମେ ପୃଷ୍ଠଭୂମି ଉପରେ ଦୃଷ୍ଟି ନିକ୍ଷେପ କରାଯାଉ। ଶକ୍ତିର ସର୍ବାଧିକ ପ୍ରମୁଖ ସ୍ରୋତ ଭାବେ ଖଣିଜ ତୈଳ ଓ ପ୍ରାକୃତିକ ବାଷ୍ପ ଯେ ପୃଥିବୀକୁ ଚଳତ୍ ଶକ୍ତି ପ୍ରଦାନ କରିବ, ଏ ନେଇ ଯୁକ୍ତରାଷ୍ଟ୍ର ଆମେରିକା ମୂଳରୁ ହୃଦୟଙ୍ଗମ କରିଥିଲା ବୋଲି ନିଜ ଦେଶର ଅପରିମେୟ ଖଣିଜ ତୈଳ ଭଣ୍ଡାର (ଆଲାସ୍କା ଅଂଚଳ)କୁ ଅକ୍ଷୁଣ୍ଣ ରଖିଥିବା ବେଳେ ଖଣିଜ ତୈଳ ସମୃଦ୍ଧ ମଧ୍ୟ-ପ୍ରାଚ୍ୟ ଅଂଚଳକୁ ପ୍ରଭାବାଧୀନ କରିବାକୁ ଚେଷ୍ଟା କରି ସଫଳ ହୋଇଥିଲା। ଏହି ପ୍ରକ୍ରିୟାରେ ଆରବ ରାଷ୍ଟ୍ରଗୁଡ଼ିକୁ ଆମେରିକା ବସ୍ତୁତଃ ବଶମ୍ବଦରେ ପରିଣତ କରିଛି; ଯାହା ପ୍ରତିବଦଳରେ ସେହି ରାଷ୍ଟ୍ରଗୁଡ଼ିକ ଆମେରିକା ଠାରୁ ପାଇଛନ୍ତି ବାହ୍ୟ ଆକ୍ରମଣରୁ ସୁରକ୍ଷାର ପ୍ରତିଶ୍ରୁତି। ସୁତରାଂ, ଖଣିଜ ତୈଳ କାରବାର ଆମେରିକାର ଇଙ୍ଗିତରେ ପରିଚାଳିତ, ଯହିଁରେ ଆମେରିକୀୟ ଡଲାର ହେଉଛି କ୍ରୟ-ବିକ୍ରୟର ଏକ ମାତ୍ର ମୌଦ୍ରିକ ମାଧ୍ୟମ। ଏହା ଫଳରେ ପୃଥିବୀର ସମସ୍ତ ରାଷ୍ଟ୍ର ନିଜ ଦେଶରେ ଡଲାର ଗଚ୍ଛିତ କରି ରଖିବାକୁ ବାଧ୍ୟ ହୋଇଛନ୍ତି ଏବଂ ଆନ୍ତର୍ଜାତିକ ବ୍ୟବସାୟରେ ଡଲାରର ପ୍ରାଧାନ୍ୟ ଦୃଢ଼ ରହିଛି। ଏଠାରେ ସ୍ମରଣୀୟ ଯେ ୧୯୯୧ ଏବଂ ୨୦୦୩ ମସିହାରେ, ଆମେରିକା ଦ୍ୱାରା ସଂଘଟିତ 'ଗଲ୍‌ଫ' ଯୁଦ୍ଧ ପଛର ପ୍ରକୃତ ଉଦ୍ଦେଶ୍ୟ ଥିଲା ଅବୋଲକରା ଇରାକକୁ ଦଣ୍ଡିତ କରିବା, କାରଣ ଆମେରିକାକୁ ଶସ୍ତାରେ ତୈଳ ବିକ୍ରୟକୁ ସେ ଦେଶ ଏକ ମାତ୍ର ଆରବ ରାଷ୍ଟ୍ର ଭାବେ ବିରୋଧ କରିଥିଲା। ସେମିତି ନିଶାର୍ଦ୍ଧରେ ଭେନେଜୁଏଲାର ରାଷ୍ଟ୍ରପତିଙ୍କୁ ସପତ୍ନୀକ ତାଙ୍କ ବାସଭବନରୁ ଅପହରଣ କରି ଆଣି ଆମେରିକାର କୌଣସି ଏକ କାରାଗାରରେ ନିକ୍ଷେପ କରିବା ପଛରେ ମଧ୍ୟ ମୂଳ ଅଭିସନ୍ଧି ଥିଲା ସେହି ଦେଶର ବିଶାଳ ଖଣିଜ ତୈଳ ଭଣ୍ଡାରକୁ ଦଖଲ କରିବା। ଏହି ପ୍ରଭୁତ୍ୱକୁ ଆମେରିକା, ଅନେକ ସମୟରେ ସ୍ୱେଚ୍ଛାଚାରୀ ଢଙ୍ଗରେ, ଅନ୍ୟାନ୍ୟ ରାଷ୍ଟ୍ରଙ୍କ ଉପରେ ଦମନର ସାଧନ ଭାବେ ମଧ୍ୟ ବ୍ୟବହାର କରିବାରେ ଲାଗିଛି। ପ୍ରକାଶ ଥାଉ କି ତୀବ୍ର ବିରୋଧୀ ଇରାନକୁ ନତଜାନୁ କରି ରଖିବା ଉଦ୍ଦେଶ୍ୟରେ ଆମେରିକା ଦ୍ୱାରା ଜାରି ବାସନ୍ଦ ହେତୁ ଗଲା ପଇଁଚାଳିଶ ବର୍ଷ ଧରି ଇରାନୀୟ ଖଣିଜ ତୈଳ ବିକ୍ରୟରେ ସାଂଘାତିକ ବାଧା ସୃଷ୍ଟି ହୋଇଛି, ଯାହା ସେହି ଦେଶ ସକାଶେ ଦାରୁଣ ଆର୍ଥିକ କ୍ଷତିର କାରଣ ହୋଇଛି। ରୁଷିଆ ଓ ୟୁକ୍ରେନ ଯୁଦ୍ଧ ସମୟରେ ଆମେରିକାର ବାସନ୍ଦକୁ ଅମାନ୍ୟ କରି ଭାରତ ଦ୍ୱାରା ରୁଷୀୟ ତୈଳ କ୍ରୟ ହେତୁ ଯେଉଁ ବିବାଦ ଉପୁଜିଛି, ତାହା ବର୍ତ୍ତମାନ ସୁବିଦିତ। ତେଣୁ, ଏହା ହିଁ ପୃଷ୍ଠଭୂମି, ଯହିଁରୁ ସାଂପ୍ରତିକ ଯୁଦ୍ଧ ପରିପ୍ରେକ୍ଷୀରେ, ପୃଥିବୀ ସକାଶେ ନୂତନ ପାଠ୍ୟକ୍ରମର ଆବଶ୍ୟକତା ଅନୁଭୂତ ହୋଇଛି। ସୋଭିଏତର ବିଲୟ ପରେ, ଏକବିଂଶ ଶତାବ୍ଦୀର ପ୍ରାରମ୍ଭ ବେଳକୁ ଦୂରଦୃଷ୍ଟିସଂପନ୍ନ ଚୀନ ଠଉରାଇ ନେଇଥିଲା ଯେ 'ଏକ-ଧ୍ରୁବୀୟ ପୃଥିବୀ'ରେ ଆମେରିକାର ଅନିବାର୍ଯ୍ୟ 'ବ୍ଲାକ୍ ମେଲିଂ'ରୁ ନିଷ୍କୃତି ଲାଭର ଉପାୟ ମାତ୍ର ତିନିଟି: କୌଣସିମତେ ପୃଥିବୀକୁ ନିଜ ଉପରେ ନିର୍ଭରଶୀଳ କରିଦେବା, ଶକ୍ତି କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ଏବଂ ଭବିଷ୍ୟତ୍‌ର ଶକ୍ତିର ଉତ୍ସକୁ କରାୟତ କରିବା। ସୁତରାଂ, ଚୀନ ଅଚିରେ ହୋଇ ଉଠିଲା ପ୍ରାୟ ସମସ୍ତ ଦ୍ରବ୍ୟ ଲାଗି ପୃଥିବୀର ନିର୍ଭରଯୋଗ୍ୟ ନିର୍ମାଣ କେନ୍ଦ୍ର, ଆପଣା ମୁଖ୍ୟ ସଂସାଧନ କୋଇଲା ଭିତ୍ତିକ ମିଥେନ ଉତ୍ପାଦନ (ପୃଥିବୀରେ ସର୍ବାଧିକ) ମାଧ୍ୟମରେ ଶକ୍ତି କ୍ଷେତ୍ରରେ ଅନେକଟା ଆତ୍ମ ନିର୍ଭରଶୀଳ। ଏବଂ ପୃଥିବୀର ପ୍ରାୟ ୯୦% 'କ୍ରିଟିକାଲ ମିନେରାଲ' ଭଣ୍ଡାରର ଅଧିପତି ଭାବେ ସମଗ୍ର ପୃଥିବୀର 'ମାଇକ୍ରୋଚିପ୍' ଓ ବ୍ୟାଟେରି ନିର୍ମାଣର ନିୟନ୍ତା। କହିବା ବାହୁଲ୍ୟ, ସେହି କାରଣରୁ ଟ୍ରମ୍ପଙ୍କ 'ଟାରିଫ ଆକ୍ରମଣ' ହେଉ ବା ସାଂପ୍ରତିକ ଯୁଦ୍ଧ; ଚୀନକୁ ତାହା ବିଶେଷ ବ୍ୟତିବ୍ୟସ୍ତ କରି ନ ଥାଏ। ସବୁ ରାଷ୍ଟ୍ରଙ୍କ ସକାଶେ ଏଥିରେ ରହିଛି ପ୍ରଥମ ଓ ଗୁରୁତ୍ୱପୂର୍ଣ୍ଣ ନୂଆ ପାଠ। ଟ୍ରମ୍ପଙ୍କ ବିତଣ୍ଡା ତର୍କ ଓ ବୁଦ୍ଧିଭ୍ରଷ୍ଟ ଆଭିମୁଖ୍ୟ କାରଣରୁ ଆମେରିକା ଆଉ ଏକ ଧ୍ରୁବତାରା ଭଳି ହୋଇ ରହି ନ ପାରେ। ବିଶ୍ୱ ବାଣିଜ୍ୟ ନିୟମ, ପରିବେଶ ସଂକ୍ରାନ୍ତ ଆନ୍ତର୍ଜାତିକ ରାଜିନାମା, ଜାତିସଂଘୀୟ ଅନୁଷ୍ଠାନ ଆଦିରୁ ନିଜକୁ ଦୂରେଇ ନେବା ସହିତ ଆମେରିକା ସ୍ୱହସ୍ତରେ ନିଜ ମସ୍ତକରୁ ମୁକୁଟ ଅପସାରଣ କରିବାକୁ ଉଦ୍‌ଗ୍ରୀବ। କେବଳ ସେତିକି ନୁହେଁ, ଏ.ଆଇ.ର ବିକାଶ, ଅତ୍ୟାଧୁନିକ ସାମରିକ ପ୍ରଯୁକ୍ତି, ଉଚ୍ଚାଙ୍ଗ ଗବେଷଣା ପତ୍ର ପ୍ରକାଶନ ଭଳି କ୍ଷେତ୍ରରେ ଚୀନ ଆମେରିକାକୁ ଅତିକ୍ରମ କରି ସାରିଲାଣି। ୨୦୨୫-୨୬ ମସିହାରେ ଉଚ୍ଚ ସ୍ତରୀୟ ଗବେଷଣା ଓ ସଂଦର୍ଭ ପ୍ରକାଶନରେ ପୃଥିବୀର ୧୦ଟି ବିଶ୍ୱବିଦ୍ୟାଳୟ ମଧ୍ୟରୁ ଚୀନା ବିଶ୍ୱବିଦ୍ୟାଳୟର ସଂଖ୍ୟା ୬ରୁ ୮ ବୋଲି ବିଭିନ୍ନ ସୂତ୍ରରୁ ଜଣାପଡ଼ିଛି। ବିଶେଷଜ୍ଞମାନଙ୍କ ମତରେ ପୃଥିବୀ ଅଚିରେ ବହୁ-ଧ୍ରୁବୀୟ ହେବା ଦିଗରେ ଉଦ୍ୟତ। ତେଣୁ, ଆମେରିକା ଏକ ଗାର୍ଜନ ଭଳି ଆଚରଣ ପ୍ରଦର୍ଶନ କରିବା ପରିବର୍ତ୍ତେ ଆପଣା ହିତାର୍ଥେ ସମ ଅଂଶୀଦାରି ମନୋଭାବ ସହିତ ରାଷ୍ଟ୍ର-ମେଂଟ ଗଠନ କରିବା ଆବଶ୍ୟକ। ପ୍ରକାଶ ଥାଉ କି ଆଟୋପ ସର୍ବସ୍ୱ ଦେହ ବଳିଆ ଆଭିମୁଖ୍ୟ କାରଣରୁ ସାଂପ୍ରତିକ ଯୁଦ୍ଧରେ ଆମେରିକା 'ନାଟୋ' ମେଂଟର ସହାୟତା ଓ ସମର୍ଥନ ହରାଇଛି। ଏହା ଦ୍ୱିତୀୟ ନୂଆ ପାଠ, ଯାହାକୁ ଆମେରିକା ହୁଏତ ଆଦୌ ପଢ଼ିବାକୁ ଚାହିଁବ ନାହିଁ। ତୃତୀୟ ପାଠଟିର ପ୍ରବର୍ତ୍ତକ ଉଭୟ ଚୀନ ଓ ଉତ୍ତର କୋରିଆ; ଯାହା ହେଲା ସାମରିକ ଶକ୍ତି ବୃଦ୍ଧିରେ ନିଘଂଟ ଭାବେ ନିୟୋଜିତ ରହିବା ସହିତ ବେଳ ଅବେଳରେ ଧମକାଇବା ମୁଦ୍ରାରେ ମାଂସପେଶୀ ସ୍ଫୀତ କରିବା। ଏବେ ମନେ ହେଲାଣି ଯେ 'ନାଟୋ'ର ଶକ୍ତି କ୍ଷୟ ଘଟିବା ପ୍ରାୟ ଅବଧାରିତ। ପୃଥିବୀ ପ୍ରତ୍ୟକ୍ଷ କରୁଥିବା ନୂତନ ଅଭିଜ୍ଞତା ପରିପ୍ରେକ୍ଷୀରେ ଅନେକ ରାଷ୍ଟ୍ରଙ୍କ ହୃଦ୍ ?ବୋଧ ହେଲାଣି ଯେ ଆପଣା ସାମରିକ ଶକ୍ତିରେ ବୃଦ୍ଧି ହିଁ କେବଳ ଏକମାତ୍ର ସୁରକ୍ଷା କବଚ; ଯେଉଁ କ୍ରମରେ ପରମାଣୁ ଅସ୍ତ୍ରର ବିକାଶ ଏକ ସର୍ବନିମ୍ନ ଆବଶ୍ୟକତା ଭଳି ପ୍ରତୀତ ହୋଇପାରେ। ଆରବ ରାଷ୍ଟ୍ରଗୁଡ଼ିକ ମଧ୍ୟ ହୁଏତ ସେହି ଭଳି ଚିନ୍ତା କରୁଥିବେ। ଏକ ବିଡ଼ମ୍ବନା ହୋଇଥିଲେ ହେଁ ଏହା ଏକ କର୍କଶ ସତ୍ୟ ନୁହେଁ କି ଯେ ୟୁକ୍ରେନ ବା ଇରାନ ଯଦି ପରମାଣୁ ଅସ୍ତ୍ର ସଂପନ୍ନ ହୋଇଥାଆନ୍ତେ, ତେବେ ଏଭଳି ବାହ୍ୟ ଆକ୍ରମଣର କଦର୍ଥନା ସହି ନ ଥାଆନ୍ତେ! ଉତ୍ତର କୋରିଆ ଏକ କ୍ଷୁଦ୍ର ଓ ଦରିଦ୍ର ରାଷ୍ଟ୍ର; ଅଥଚ ଆଣବିକ ଅସ୍ତ୍ର ସଂପନ୍ନ ହୋଇ ଆମେରିକାକୁ ଆଖି ତରାଟି ଚାହିଁବାର ସାହସ ରଖିଛି। ଯୁଦ୍ଧକୁ କୁଦି ପଡ଼ି ଆମେରିକା ତା'ର ସାଧାରଣ ବୁଦ୍ଧିହୀନତାର ପରିଚୟ ଦେଇଛି। ଚୀନ ମଧ୍ୟ ଉଚ୍ଚ ସାମରିକ ଦକ୍ଷତା ସଂପନ୍ନ; କିନ୍ତୁ ସେ ଦେଶ ସିଧାସଳଖ ଯୁଦ୍ଧରେ ପ୍ରବୃତ୍ତ ନ ହୋଇ କେବଳ ପେଶୀ ଚାଳନା କରି ମନସ୍ତାତ୍ତ୍ୱିକ ପ୍ରଭାବ ସୃଷ୍ଟି କରିବାରେ ବ୍ୟାପୃତ। ତାଇୱାନ ଉପରେ ଆକ୍ରମଣର ପ୍ରସ୍ତୁତି ହେଉ ବା ଜାପାନ ନିକଟରେ ରଣତରୀରେ ପଇଁତରା ମାରିବା ହେଉ ଅଥବା ଗଲୱାନରେ ଭାରତ ବିପକ୍ଷରେ ବର୍ଷଟିଏ କାଳ ମୁହାଁମୁହିଁ ହୋଇ ଛିଡ଼ା ହୋଇ ରହିବା ଭଳି ସ୍ଥିତି ହେଉ; ଏ ସବୁ ଯେ କେବଳ ପେଶୀ ସଂଚାଳନର ନମୁନା, ତହିଁରେ ସନ୍ଦେହ ନାହିଁ। କାରଣ ଯୁଦ୍ଧରେ ଥରେ ଅବତୀର୍ଣ୍ଣ ହୋଇଗଲେ ଅଦ୍ୱିତୀୟ ବୀରର ମଧ୍ୟ ଦୁର୍ବଳତମ ବିନ୍ଦୁଟି ଧରା ପଡ଼ିଯାଇଥାଏ, ଯାହା ପରାଭବର କାରଣ ମଧ୍ୟ ହୋଇପାରେ; ଯେମିତି ଟ୍ରୟ ଯୁଦ୍ଧରେ ଗ୍ରୀକ ପୁରାଣର ଅପରାଜେୟ ବୀର ଆକିଲେଙ୍କ ଗୋଇଠି ବା ମହାଭାରତ ଯୁଦ୍ଧରେ ଦୁର୍ଯ୍ୟୋଧନଙ୍କ ଜାନୁ ସେମାନଙ୍କ ପତନର କାରଣ ହୋଇଥିଲା। ଇରାନ ବିରୋଧରେ ଯୁଦ୍ଧକୁ କୁଦି ପଡ଼ି ଆମେରିକା ତା'ର ଅନେକ ଦୁର୍ବଳତାକୁ ପଦାରେ ପକାଇସାରିଲାଣି; 'ଏଫ ୩୫' ଯୁଦ୍ଧ ବିମାନ ତା'ର କିଂବଦନ୍ତିକ ଯଶ ହରାଇଲାଣି। ତେଣୁ ଯେତେ ଶକ୍ତିଶାଳୀ ହୋଇଥିଲେ ହେଁ ଯୁଦ୍ଧକୁ ହଠାତ ଡେଇଁ ନ ପଡ଼ିବା ହେଉଛି ଚତୁର୍ଥ ନୂଆ ପାଠ।

କ'ଣ କହୁଛି 'କଳିଙ୍ଗ ଇତିହାସ' ?

ଶହେ ବର୍ଷ ତଳର ଉଦ୍ୟମ। ୯୫ ବର୍ଷ ତଳର ପ୍ରକାଶନ। ଅଥଚ ଏହି 'କଳିଙ୍ଗ ଇତିହାସ' ଏବେ ଅନୂଦିତ ହେଲା ଓଡ଼ିଆ ଭାଷାକୁ। ତେବେ ଏହା କେବଳ ଏକ ଐତିହାସିକ ଦଲିଲ୍ ନା ଆଜି ଏହାର ପ୍ରାସଙ୍ଗିକତା ରହିଛି ? ଏ ବିପୁଳକାୟ ପୁସ୍ତକଟିର ବିଷୟପ୍ରବେଶ କରିବା ପୂର୍ବରୁ ଏ ପ୍ରଶ୍ନର ଉତର ଆବଶ୍ୟକ। ଏବେ ଆମେ ପ୍ରବେଶ କରିଛୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ୯୧ ବର୍ଷରେ। ୨୦୩୬ ମସିହାରେ ଏହି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ଶତବାର୍ଷିକୀ ଉତ୍ସବ ପାଳିତ ହେବ। ନୂଆ ସରକାର ଶାସନକୁ ଆସିବା ପରେ, ଏପ୍ରିଲ୍ ୧, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ଜନ୍ମଦିନ ଅବସରରେ ଗତବର୍ଷଠାରୁ ଏକ ପନ୍ଦରଦିନିଆ ଉତ୍ସବ 'ଓଡ଼ିଆ ପକ୍ଷ' ପାଳିତ ହେଉଛି। କିନ୍ତୁ ଏହି ଓଡ଼ିଆ ପକ୍ଷ ପାଳନ ବେଳେ, ପ୍ରାୟ ସାଢ଼େ ଚାରିକୋଟି ଓଡ଼ିଆଙ୍କ ମଧ୍ୟରୁ କେତେ ପ୍ରତିଶତ ଓଡ଼ିଶାର ଅତୀତ ଇତିହାସ ସଂପର୍କରେ ସଚେତନ କୁହାଯାଇପାରେ, ଯେ ହୁଏତ ଏକ ବା ଦୁଇ ପ୍ରତିଶତ ବି ନୁହନ୍ତି। ସେଥିପାଇଁ ଆଜି ଏହି 'କଳିଙ୍ଗ ଇତିହାସ' ପୁସ୍ତକଟି ପ୍ରାସଙ୍ଗିକ। ଏହି ପୁସ୍ତକର 'ପ୍ରାକ୍-ବାକ୍'ରେ ଏ ସଂପର୍କରେ ଆଲୋଚନା କରିଛନ୍ତି, ଏହାର ଅନ୍ୟତମ ଅନୁବାଦକ- ଉପାନ୍ତପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର। ସେଥିରେ ସେ କହିଛନ୍ତି- ଦେଶୀ, ବିଦେଶୀ ଓ ଅନ୍ୟପ୍ରଦେଶୀ ଅନେକେ 'କଳିଙ୍ଗ' ବା 'ଓଡ଼ିଶା' ଶିରୋନାମ ଥାଇ - ନ ଥାଇ କଳିଙ୍ଗର ଇତିହାସ ଲେଖିଛନ୍ତି। କିନ୍ତୁ, ସେଥିରୁ କେ ?ଣସିଟିକୁ କଳିଙ୍ଗର ସଂପୂର୍ଣ୍ଣ ଇତିହାସର ମାନ୍ୟତା ପରବର୍ତ୍ତୀ ଐତିହାସିକମାନେ ଦେଇଥିବା ପରି ମନେ ହୁଏ ନାହିଁ। ଖ୍ରୀ.୧୯୫୦ରେ ଓଡ଼ିଶାରେ ନିତ୍ୟାନନ୍ଦ କାନୁନ୍‌ଗୋ ମନ୍ତ୍ରୀ ଥିବାବେଳେ, ସତ୍ୟନାରାୟଣ ରାଜଗୁରୁଙ୍କ ସହଯୋଗରେ ଭୁବନେଶ୍ୱରଠାରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପ୍ରତିଷ୍ଠା କରାଯାଇଥିଲା। ତେଣୁ ତତ୍ ପୂର୍ବରୁ ଯେଉଁମାନେ ଓଡ଼ିଶା ଇତିହାସ ସଂକଳନ କରିଛନ୍ତି, ସେମାନଙ୍କ ପାଇଁ ଅଭିଲେଖ ଏକପ୍ରକାର ଅପହଂଚ ଥିଲା କହିଲେ ବୋଧେ ଭୁଲ୍ ହେବ ନାହିଁ। ତେଣୁ ଓଡ଼ିଶା ଇତିହାସ ବୋଲି ପୂର୍ବରୁ, ଅର୍ଥାତ୍ ୧୯୫୦ ପୂର୍ବରୁ ଯେତେ ଯାହା ଲେଖାଯାଇଥିଲା, ସେଥିର ଆଧାର ଅନେକତଃ ଗାଥା, ଦନ୍ତକଥା ଓ ମାଦଳାପାଞ୍ଜି ଉପରେ ନିର୍ଭରଶୀଳ ଥିଲା। ଏପରିକି ହଂଟର, ଷ୍ଟର୍ଲିଙ୍ଗ ପରି ୟୁରୋପୀୟ ଐତିହାସିକମାନେ ମଧ୍ୟ 'ମାଦଳାପାଞ୍ଜି'କୁ ଐତିହାସିକ ନିଦର୍ଶନ ରୂପେ ଗ୍ରହଣ କରି ଯାହା ଲେଖିଲେ, ସେଥିରେ ବହୁତ ତ୍ରୁଟି ରହିବା ସ୍ୱାଭାବିକ। ଡ. ଫ୍ଲିଟ୍ ମାଦଳାପାଞ୍ଜିର ଅନେକ ଉଲ୍ଲେଖକୁ ପ୍ରମାଣ ସହକାରେ ଅସତ୍ୟ ଓ କପୋଳକଳ୍ପିତ କହି ଅଗ୍ରାହ୍ୟ କରି ଦେଇଛନ୍ତି। ମାଦଳାପାଞ୍ଜି ଓଡ଼ିଶାରେ ଭୋଇବଂଶ ଶାସନବେଳେ ଲେଖା ଯାଇଥିବା, ବିଶିଷ୍ଟ ଐତିହାସିକମାନେ କହନ୍ତି। ସୁତରାଂ ତା' ପୂର୍ବର ଘଟଣା ସଂପର୍କିତ ମାଦଳାପାଞ୍ଜିର ଉଲ୍ଲେଖଗୁଡ଼ିକୁ ସେମାନେ ବିଶ୍ୱାସକୁ ନେଇ ନାହାନ୍ତି। ଏହି ପ୍ରସଙ୍ଗରେ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ପୂର୍ବନାମ 'କଳିଙ୍ଗ'ର ଇତିହାସ ଆଲୋଚ୍ୟ। ଏ ସଂପର୍କରେ ଉପାନ୍ତପ୍ରହରୀ ଶ୍ରୀ ମହାପାତ୍ର କହିଛନ୍ତି- ''ପ୍ରାମାଣିକ ତଥ୍ୟ ସହ ଧାରାବାହିକତା ରକ୍ଷାକରି ଓଡ଼ିଆରେ କଳିଙ୍ଗର ସଂପୂର୍ଣ୍ଣ ଇତିହାସ, ବୋଧହୁଏ ଏ ପର୍ଯ୍ୟନ୍ତ ଲେଖା ହୋଇନାହିଁ। ଡକ୍ଟର ହରେକୃଷ୍ଣ ମହତାବ କିଛିବାଟ ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ। ଡକ୍ଟର ସତ୍ୟନାରାୟଣ ରାଜଗୁରୁ ତ ତାଙ୍କ 'ଓଡ଼ିଶା ଇତିହାସ' ୧୧ଶ ଶତାବ୍ଦୀ ପର୍ଯ୍ୟନ୍ତ ମାତ୍ର ଲେଖି ଆଉ ଦ୍ୱିତୀୟ ଭାଗ ଲେଖିବା ପୂର୍ବରୁ ଇହଧାମ ତ୍ୟାଗ କରିଛନ୍ତି। ସତ୍ୟ ନାରାୟଣ ରାଜଗୁରୁଙ୍କ ପରବର୍ତ୍ତୀ ଯେଉଁମାନେ ଓଡ଼ିଶାର ଇତିହାସ ଲେଖିଛନ୍ତି, ସେଥିରେ କେତେକ ଉଲ୍ଲେଖନୀୟ ଘଟଣାର ଉଲ୍ଲେଖ ଦେଖାଯାଏ ନାହିଁ ବୋଲି କହିବା ମୋ ପକ୍ଷେ ଦୁଃସାହସ ଜାଣି ମଧ୍ୟ ନମ୍ରତାର ସହିତ ମୋତେ ସେପରି କହିବାକୁ ପଡୁଛି।'' ଏ ପ୍ରସଙ୍ଗରେ, ଆଜିର ରୂଢ଼ ବାସ୍ତବତା ସଂପର୍କରେ ସୂଚନା ଦେଇ ସେ କହିଛନ୍ତି- କଳିଙ୍ଗର ପ୍ରାଚୀନତା, ଭୌଗୋଳିକ ଅବସ୍ଥିତି; ବିଭିନ୍ନ କାଳରେ ବିଭିନ୍ନ ନାମରେ ନାମିତ ଓ ବିଭିନ୍ନ ସ୍ଥାନରେ ସ୍ଥାପିତ ତା'ର ରାଜଧାନୀଗୁଡ଼ିକର ଅବସ୍ଥିତି; ସମୟକ୍ରମେ, ବିଶେଷ କରି ଖାରବେଳଙ୍କ ପରବର୍ତ୍ତୀ କଳିଙ୍ଗର ବିଘଟନ ବା ବିଖଣ୍ଡନ; ସେହି ବିଭାଜିତ ଅଂଶରେ ଶାସନ କରିଥିବା ଅନେକ କ୍ଷୁଦ୍ର ଓ ଶକ୍ତିଶାଳୀ ରାଜବଂଶ; କଳିଙ୍ଗର ନାମକରଣ ଓ ତହିଁର ଯଥାର୍ଥତା; ଆଧୁନିକ ଓଡ଼ିଶାର କେଉଁ ଅଂଶ କେଉଁ ନାମରେ କେତେବେଳେ କାହା ସହ ଯୋଡ଼ିହୋଇ ରହିଥିଲା, ଇତ୍ୟାଦି ଅନେକ ବିଷୟରେ ଆମ ଉତ୍ତରପିଢ଼ିକୁ ସ୍ପଷ୍ଟ ଧାରଣା ଦେବାପାଇଁ ଆହୁରି ଅଧିକ ତଥ୍ୟ ପ୍ରଦାନକାରୀ ଗ୍ରନ୍ଥର ଆବଶ୍ୟକତା ଆଜି ମଧ୍ୟ ଅନୁଭୂତ ହୁଏ। ଏପରିକି 'ଓଡ଼ିଶା' ନାମକରଣ ଓ ଏହି ନାମରେ ଏକ ରାଜ୍ୟ କେବେ ସୃଷ୍ଟି ଲାଭ କରିଥିଲା, ସେ ସଂପର୍କିତ ଯଥାର୍ଥ ଜ୍ଞାନ ଲାଭ କରିବା ଆଜି ମଧ୍ୟ ଅସହଜ ମନେହୁଏ। ଓଡ଼ିଶା ସହ ପୂର୍ବେ ସାମିଲ ଥିବା ଉଡ୍ର ବା ଓଡ୍ର, ଉତ୍କଳ ବା ଉତ୍କଳିଙ୍ଗ, ଏକାଧିକ ତୋଷାଳୀ, କଙ୍ଗୁଟ ବା କନ୍ୟଧ ବା କଙ୍ଗୋଦ ଓ ବିଭିନ୍ନ ନାମରେ ଥିବା କୋସଳ ସଂପର୍କରେ ଜାଣିବା ମଧ୍ୟ ଅନେକ ସମୟରେ କାଠିକର ପାଠ ହୋଇଥାଏ। ଏଣୁ କଳିଙ୍ଗ ସବୁବେଳେ ଗୋଟିଏ ନାମରେ ନ ଥିଲା- ଏହା କହିବା ନିର୍ବିବାଦୀୟ ବୋଲି ସେ କହିଛନ୍ତି। ଏହା ଏଇଥିପାଇଁ, ଯେ ଏହାର ବିଭିନ୍ନ ଭାଗ ବିଭିନ୍ନ ନାମ ବହନ କରୁଥିଲା। କଳିଙ୍ଗ, ଉତ୍କଳିଙ୍ଗ, ଦକ୍ଷିଣ କଳିଙ୍ଗ, ଉତ୍ତର କଳିଙ୍ଗ, ମଧ୍ୟକଳିଙ୍ଗ, ତ୍ରିକଳିଙ୍ଗ, ମହାକଳିଙ୍ଗ, ମୁଦ୍‌କଳିଙ୍ଗ- ଏପରି ଅନେକ ନାମ କଳିଙ୍ଗ ସହ ଯୋଡ଼ିହୋଇ ରହିଥିବା ଏହାର ପ୍ରମାଣ। ଏବଂ ଉଲ୍ଲେଖଯୋଗ୍ୟ ହେଉଛି- ଏହି ନାମଗୁଡ଼ିକ ମଧ୍ୟରୁ ପ୍ରତ୍ୟେକର ତାତ୍ପର୍ଯ୍ୟ ରହିଛି। ଏହି ବିଶାଳ କଳିଙ୍ଗ ରାଜ୍ୟ ବା କଳିଙ୍ଗ ସାମ୍ରାଜ୍ୟର ରାଜଧାନୀ କେଉଁଠାରେ ଥିଲା ଏହା ମଧ୍ୟ ନିର୍ଦ୍ଦିଷ୍ଟ ବା ନିର୍ବିବାଦୀୟ ନୁହେଁ। ଏଣୁ ଏ ସଂପର୍କରେ ଶ୍ରୀ ମହାପାତ୍ର ଲେଖିଛନ୍ତି- ''କଳିଙ୍ଗର ଆଦ୍ୟ ରାଜଧାନୀ ରାଜପୁର ନା ଦନ୍ତପୁର ନା ଜଗନ୍ନାଥପୁରୀ ପରବର୍ତ୍ତୀ ରାଜଧାନୀ କଳିଙ୍ଗନଗର ବୋଲି ସମସ୍ତେ ଏକମତ ସିନା, ତାହାର ପ୍ରକୃତ ଅବସ୍ଥିତିକୁ ନେଇ ମତୈକ୍ୟ କ୍ୱଚିତ୍ ଦେଖାଯାଏ। ତାହା ଚିଲିକା କୂଳରେ ନା ମୁଖଲିଙ୍ଗରେ, ନା ପୂର୍ବତନ ପାରଳା ଜମିଦାରିର ଟେମ୍ଳୁର ରେଳଷ୍ଟେସନ ସମୀପ ସାରେପଲ୍ଲୀରେ ନା କଳିଙ୍ଗ ପାଟଣାରେ- କେଉଁଠାରେ କଳିଙ୍ଗ ନଗରର ପ୍ରକୃତ ଅବସ୍ଥିତି ଥିଲା, ତା'ର ସନ୍ତୋଷଜନକ ଗ୍ରହଣୀୟତା ପାଇଁ ଅଧିକ ତଥ୍ୟାନୁସନ୍ଧାନର ଆବଶ୍ୟକତା ଅଛି।'' ତେବେ ଏ ସଂପର୍କରେ ସୂଚନାଯୋଗ୍ୟ, ଯେ ଇତିହାସପ୍ରସିଦ୍ଧ ଦନ୍ତପୁର କେବେ ଜଗନ୍ନାଥପୁରୀ ନୁହେଁ। ପ୍ରକୃତ ଦନ୍ତପୁରୀକୁ ପ୍ରତ୍ନତତ୍ତ୍ୱବିତ୍‌ମାନେ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲାରେ ଠାବ କରିଛନ୍ତି। ତାହା ପାରଳାଖେମୁଣ୍ଡିଠାରୁ ପ୍ରାୟ ୩୦ କିଲୋମିଟର ଏବଂ ମୁଖଲିଙ୍ଗମ୍ ଠାରୁ ପ୍ରାୟ ୧୫ କିଲୋମିଟର ଦୂରରେ ଅବସ୍ଥିତ। ତାହାର ଅବସ୍ଥିତି ବଂଶଧାରା ନଦୀତଟରେ। ସେହିଠାରେ ଏକଦା ବୁଦ୍ଧଦନ୍ତ ପୂଜିତ ହେଉଥିଲେ ଏବଂ ତାହା କଳିଙ୍ଗର ଅନ୍ତର୍ଭୁକ୍ତ ଥିଲା। କିନ୍ତୁ ସେ ନେଇ ବାରମ୍ବାର ଆକ୍ରମଣ ହେବାରୁ ସେହି ଦନ୍ତଙ୍କୁ ନିରାପଦରେ ଶ୍ରୀଲଙ୍କା ପଠାଇ ଦିଆଯାଇଥିଲା। ଏବେ ସେହି ଦନ୍ତ ଶ୍ରୀଲଙ୍କାର କାଣ୍ଡିଠାରେ ଥିବା ଦନ୍ତଧାତୁ ମନ୍ଦିରରେ ପୂଜିତ ହେଉଛନ୍ତି। ସେହି ଦନ୍ତଙ୍କୁ ଶୋଭାଯାତ୍ରାରେ ନେଇ ସେଠାରେ ପ୍ରତି ବର୍ଷ ରଥଯାତ୍ରା ମଧ୍ୟ ଅନୁଷ୍ଠିତ ହୋଇଥାଏ। କିନ୍ତୁ ଶ୍ରୀ ମହାପାତ୍ର କହିବାର ତାତ୍ପର୍ଯ୍ୟ ହେଉଛି- ଏପରି ନୂତନ ପ୍ରତ୍ନତାତ୍ତ୍ୱିକ ତଥ୍ୟ-ପ୍ରମାଣକୁ ଅନ୍ତର୍ଭୁକ୍ତ କରି, କଳିଙ୍ଗର ପୂର୍ଣ୍ଣାଙ୍ଗ ଇତିହାସ ରଚନା ଏବେ ମଧ୍ୟ ଏକ ଚିରବାଞ୍ଛିତ ଓ ଅପେକ୍ଷିତ ବିଷୟ ହୋଇ ରହିଛି। ତେବେ ଏହି 'କଳିଙ୍ଗ ଇତିହାସ' ପୁସ୍ତକର ଅନୁବାଦ ଓ ପ୍ରକାଶନ ଅବସରରେ ଅନ୍ୟ ଯେଉଁ ପ୍ରଶ୍ନ ଅନୁବାଦକ ଶ୍ରୀ ମହାପାତ୍ରଙ୍କୁ ଆନ୍ଦୋଳିତ କରିଛି, ତାହା ଆଜିର ଓଡ଼ିଶା ପାଇଁ ତଥା ଆଜିର ଓଡ଼ିଶାବାସୀଙ୍କ ପାଇଁ ଏକ ଚିର ଅସମାହିତ ପ୍ରଶ୍ନ। ତାହା ହେଉଛି- ଅଶୋକଙ୍କ ସମୟରେ ବା କଳିଙ୍ଗ ଯୁଦ୍ଧ ବେଳେ କିଏ ଥିଲେ କଳିଙ୍ଗର ରାଜା ସେତେବେଳେ କଳିଙ୍ଗର ସେ ?ନ୍ୟବାହିନୀ ଥିଲେ କି ? ଏବଂ ଯଦି ଥିଲେ, କ'ଣ ଥିଲା ତାହାର ସ୍ୱରୂପ ? ଯଦି ଥିଲେ, ତେବେ ତାହାର ନେତୃତ୍ୱ ବା ନିୟନ୍ତ୍ରଣ କାହା ପାଖରେ ଥିଲା ଯଦି ଏ ସବୁ ନ ଥାଇ, କଳିଙ୍ଗର ସାହସିକ ଜନତାଙ୍କ ପକ୍ଷରୁ ଅଶୋକଙ୍କୁ ଗଣ ପ୍ରତିରୋଧ କରାଯାଇଥିଲା, ତାହାର ନେତୃତ୍ୱ କିଏ ନେଇଥିଲେ ? ଏସବୁ ପ୍ରଶ୍ନ ଏବେ ମଧ୍ୟ ଅସମାହିତ ହୋଇ ରହିଛି। କିନ୍ତୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଶତବାର୍ଷିକୀ ଉତ୍ସବ ମହାସମାରୋହରେ ପାଳନ କରିବାପାଇଁ ସରକାର ସଜବାଜ ହେଉଥିବା ବେଳେ, ଏସବୁର ଉତ୍ତର ଖୋଜିବାପାଇଁ ପ୍ରୟାସ ନ କରା ଯାଇ, କଳିଙ୍ଗ ଯୁଦ୍ଧକୁ ଏକ ପ୍ରଶ୍ନବାଚୀ କରିଦେବାପାଇଁ ସ୍ୱତନ୍ତ୍ର ଆଲୋଚନାଚକ୍ର ମାଧ୍ୟମରେ ଉଦ୍ୟମ ହୋଇଥିବା ଦେଖିବାକୁ ମିଳିଛି। ଏ ପ୍ରସଙ୍ଗରେ ଶ୍ରୀ ମହାପାତ୍ର ଏହି ପୁସ୍ତକର 'ପ୍ରାକ୍ ବାକ୍'ରେ ଆଉ କେତେକ ପ୍ରଶ୍ନ ମଧ୍ୟ ଉଠାଇଛନ୍ତି। ତାହା ହେଉଛି- ଅଶୋକଙ୍କ ସମୟରେ କଳିଙ୍ଗର ବିସ୍ତୃତି ଦକ୍ଷିଣରେ କେତେ ଦୂର ପର୍ଯ୍ୟନ୍ତ ଥିଲା ? ସେହି ସୀମା ଋଷିକୁଲ୍ୟା ଅତିକ୍ରମ କରିଥିଲା କି ? ଅଶୋକଙ୍କ ଗଞ୍ଜାମର ସୋମପା, ଏବର ଆନ୍ଧ୍ରର ସୋମପେଟା କି ? କଳିଙ୍ଗର ଦକ୍ଷିଣ ସୀମା ସେତେବେଳେ ଲାଙ୍ଗୁଲ୍ୟା (ନାଗାବଳୀ) ଯାଏ ବିସ୍ତୃତ ଥିଲା କି ? ଏସବୁ ପ୍ରଶ୍ନ ସହିତ ସେ କହିଛନ୍ତି- ଏମିତି ଅନେକ ପ୍ରଶ୍ନ ଏବେ ପାଠକଙ୍କ ମନରେ ଉଙ୍କି ମାରୁଛି। ଓଡ଼ିଆ, ତେଲୁଗୁ, କାଳିଞ୍ଜି, କନ୍ଧ ଓ ଶବର- କାହାରି ବି ଅସ୍ମିତାକୁ ଉପେକ୍ଷା ନ କରି ଇତିହାସ ଲେଖିଲେ ତାହା କଳିଙ୍ଗର ପରିପୂର୍ଣ୍ଣ ଇତିହାସ ଭାବେ ମାନ୍ୟ ହେବା ସମ୍ଭବ ନୁହେଁ। ଏ ପ୍ରସଙ୍ଗରେ ସାହିତ୍ୟିକ ଉପାଦାନର ଗୁରୁତ୍ୱ ମଧ୍ୟ ଅନସ୍ୱୀକାର୍ଯ୍ୟ। ଓଡ଼ିଶାର ଗଜପତିମାନଙ୍କର ଦାକ୍ଷିଣାତ୍ୟ ଅଭିଯାନ, କର୍ଣ୍ଣାଟକ ବିଜୟ ନଗର ରାଜ୍ୟର ତୁଳୁବ୍ ? ବଂଶୀୟ କୃଷ୍ଣଦେବରାୟଙ୍କ କଟକ ଅଭିଯାନ ଏବଂ ତା'ର ପରିଣତି ସଂପର୍କରେ ଉପଲବ୍ଧ ଗ୍ରନ୍ଥମାନ ମଧ୍ୟ ଇତିହାସର ଅମୂଲ୍ୟ ଉପାଦାନ। ଏଣୁ ସେ ଅତ୍ୟନ୍ତ ଯଥାର୍ଥ ଭାବରେ କହିଛନ୍ତି- କଳିଙ୍ଗାନୁପରଣି, ଅମୁକ୍ତ ମାଲ୍ୟଦା, ରାୟବାଚକ, ଗଙ୍ଗାଦଶପ୍ରତାପ ବିଳାସ, ସାଲ୍ୱ ଅଭ୍ୟୁଦୟ ଓ ପାରିଜାତାପହରଣ ପ୍ରଭୃତି ଗ୍ରନ୍ଥ ସହିତ, ସମକାଳରେ, ଓଡ଼ିଆରେ, ସେହି ସେହି ବିଷୟରେ ରଚିତ କାବ୍ୟ, କବିତା, ନାଟକ ଓ ଆଲୋଚନା ଆଦିର ଏକତ୍ର ସମୀକ୍ଷା କରି ସତ୍ୟ କ'ଣ ଜାଣିବାପାଇଁ ପ୍ରୟାସ ମଧ୍ୟ ଏଯାଏ ହୋଇ ନାହିଁ। ଏଣୁ ଆଉ ଦଶ ବର୍ଷ ବେଳକୁ ସ୍ୱତନ୍ତ୍ର ଉତ୍କଳ (ଓଡ଼ିଶା) ପ୍ରଦେଶର ଶତବାର୍ଷିକୀ ପାଳନ ପାଇଁ ଘୋଷଣା କରି କେବଳ ପନ୍ଦରଦିନିଆ ଓଡ଼ିଆ ପକ୍ଷ ପାଳନ କରିଦେଲେ ବିଶେଷ କିଛି ଲାଭ ହେବ ନାହିଁ। ଓଡ଼ିଶାର ପୂର୍ଣ୍ଣାଙ୍ଗ ଇତିହାସ ରଚନା ପାଇଁ ପ୍ରୟାସ ଏସବୁ ଅପେକ୍ଷା କାହିଁ କେତେଶହ ଗୁଣରେ ଅଧିକ ଗୁରୁତ୍ୱପୂର୍ଣ୍ଣ। ଅନୂଦିତ ଗ୍ରନ୍ଥ 'କଳିଙ୍ଗ ଇତିହାସ' ଆମକୁ ଆଜି ସେଇକଥା ହିଁ କହୁଛି।

ବିରାମ ଚିହ୍ନ !

ରସିକତା କରି କେତେକ ବିଶେଷଜ୍ଞ କହନ୍ତି ଯେ ଅସହ୍ୟ ଦାନ୍ତ ବିନ୍ଧା ଜର୍ଜର ଭୋଟରଗଣ ଅଗତ୍ୟା 'କନ୍‌ଜରଭେଟିଭ୍ ପାର୍ଟି'କୁ ବିତାଡ଼ିତ କରିଦେଲେ। ଏହି ସମୟରେ ଏକ ଧାରଣା ମଧ୍ୟ ସୃଷ୍ଟି ହେଲା ଯେ ୟୁ.କେ.ର ସର୍ବାଧିକ ଧନିକଙ୍କ ମଧ୍ୟରେ ଗଣା ସୁନକଙ୍କୁ ମଧ୍ୟବିତ୍ତଙ୍କ କଷଣ ଦିଶିଲା ନାହିଁ। ସୁତରାଂ, ବିଡ଼ମ୍ବନାଟି ହେଲା, ୨୦୧୯ ମସିହାରୁ ୨୦୨୪ ମସିହା ମଧ୍ୟରେ ନୂତନ ଅଧ୍ୟାୟ ସୃଷ୍ଟିର ଆଶା ବହନ କରି ଆସିଥିବା ଅନ୍ତିମ ତିନି ପ୍ରଧାନମନ୍ତ୍ରୀ କେବଳ ମାତ୍ର ତିନି 'ବିରାମ ଚିହ୍ନ' ଭଳି ହୋଇ ରହିଗଲେ। ଗଲା ୫ ତାରିଖରେ ପ୍ରକାଶିତ 'ୟୁନାଇଟେଡ୍ କିଙ୍ଗଡମ୍' ବା 'ୟୁ.କେ.'ର ନିର୍ବାଚନ ଫଳାଫଳକୁ ନିର୍ବିଘ୍ନରେ ଯୁଗାନ୍ତକାରୀ ବୋଲି ଅଭିହିତ କରିହେବ; କାରଣ ଏହା ସହିତ କ୍ରମାନ୍ୱୟେ ଚଉଦ ବର୍ଷ ଧରି କ୍ଷମତାସୀନ ଥିବା ରକ୍ଷଣଶୀଳ 'କନ୍‌ଜରଭେଟିଭ୍' (ପାର୍ଟି) ଯୁଗର ଅତ୍ୟନ୍ତ ନିର୍ମମ ଅନ୍ତ ଘଟିଛି; ଏବଂ ଅଳ୍ପ କିଛି ବର୍ଷ ପୂର୍ବେ ମୁମୂର୍ଷୁ ଭଳି ପ୍ରତୀୟମାନ ହେଉଥିବା 'ଲେବର ପାର୍ଟି' ଏକ ଅତିକାୟ ଲମ୍ଫ ପ୍ରଦାନ କରି ୬୫୦ ଆସନ ବିଶିଷ୍ଟ ବ୍ରିଟିସ ପାର୍ଲାମେଂଟରେ ୪୧୧ଟି ଆସନ ସହିତ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରିଛି, ଯାହା ଦଳର ଇତିହାସରେ ବୃହତ୍ତମ ବିଜୟ ମଧ୍ୟରୁ ଗୋଟିଏ; ଏବଂ ମାତ୍ର ୧୨୦ଟି ଆସନ ଅକ୍ତିଆର କରି ପାରିଥିବା 'କନ୍‌ଜଭେଟିଭ୍' ପାର୍ଟି ବିଗତ ଶହେ ବର୍ଷର ଇତିହାସରେ ନିକୃଷ୍ଟତମ ପ୍ରଦର୍ଶନ କରିଛି। ଏପରିକି ଥରେ ପ୍ରଧାନମନ୍ତ୍ରୀ (ମାତ୍ର ୪୯ ଦିନ ସକାଶେ) ହୋଇଥିବା ଲିଜ୍ ଟ୍ରସ୍ ସ୍ୱୟଂ ପରାଜିତ ହେବା ସହିତ ଏହି ରାଷ୍ଟ୍ରର ଦୀର୍ଘ ଗଣତାନ୍ତ୍ରିକ ଇତିହାସରେ କୌଣସି ପ୍ରଧାନମନ୍ତ୍ରୀ ପରାଭବ ଲଭିବାର ପ୍ରଥମ ଦୃଷ୍ଟାନ୍ତ ମଧ୍ୟ ସ୍ଥାପିତ ହୋଇଯାଇଛି। ଅନେକ ଭାରତୀୟଙ୍କ ସକାଶେ ଯାହା ଅଧିକ ହତାଶାର କାରଣ ହୋଇଛି, ତାହା ହେଲା ଭାରତୀୟ ମୂଳୋଦ୍ଭବ ସନାତନୀ ହିନ୍ଦୁ ଋଷି ସୁନକ ପ୍ରଧାନମନ୍ତ୍ରୀ ଭାବେ ଗାଦିନସୀନ ଥିବା ବେଳେ ହିଁ ତାଙ୍କ ଦଳ ସଂପୂର୍ଣ୍ଣ ଭୂଲୁଣ୍ଠିତ ହୋଇଯାଇଛି। ଏଭଳି ସ୍ଥଳେ ଏକ ଭୂଚଳନ ସୁଲଭ ରାଜନୈତିକ ପରିବର୍ତ୍ତନ ପରିପ୍ରେକ୍ଷୀରେ ଏକ କ୍ଷୁଦ୍ର ଆଲୋଚନା ପ୍ରାସଙ୍ଗିକ ଭଳି ମନେ ହୋଇଥାଏ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA, Pin :769003

ରୋଟାରୀର ଫେଲିସିଟେସନ୍ ସେରେମୋନୀ ସଫଳତାର ସହିତ ସମ୍ପନ୍ନ

ସମ୍ବଲପୁର,୧୦/୪(ନି/ପ୍ର): ରୋଟାରୀ ଇଣ୍ଟରନ୍ୟାଶନାଲ୍ ଜିଲ୍ଲା ୩୨୬୧ ପକ୍ଷରୁ ସ୍ଥାନୀୟ ହୋଟେଲ୍ ହରଜିତ୍ ରେସିଡେନ୍ସି ରେ ଗୁରୁବାର ସନ୍ଧ୍ୟା ରେ ଆୟୋଜିତ "ଫେଲିସିଟେସନ୍ ସେରେମୋନୀ" ଭବ୍ୟ ଓ ସଫଳତାର ସହିତ ସମ୍ପନ୍ନ ହୋଇଛି । ଏହି କାର୍ଯ୍ୟକ୍ରମ ରେ ରୋଟାରୀ ଇଣ୍ଟରନ୍ୟାଶନାଲ୍‌ର ନିର୍ଦ୍ଦେଶକ ପିଡିଜି ବାସୁଦେବ ଗୋଲ୍ୟାନ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରୋଟାରୀ ର ସେବା ମୂଳକ କାର୍ଯ୍ୟ କଳାପ ଓ ସମାଜ ପ୍ରତି ତାହାର ଅବଦାନ ବିଷୟ ରେ ମନୋ ମୁଗ୍ଧକର ବକ୍ତବ୍ୟ ପ୍ରଦାନ କରିଥିଲେ। ସେ କହିଥିଲେ ଯେ, ସମାଜ ସେବା ମାଧ୍ୟମ ରେ ମାନବତାକୁ ସୁଦୃଢ଼ କରିବା ହେଉଛି ରୋଟାରୀର ପ୍ରମୁଖ ଲକ୍ଷ୍ୟ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ଚଳିତ ବର୍ଷର ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଶ୍ରୀ ଅମିତ ଯଶ୍ୱାଳ ତାଙ୍କ ବକ୍ତବ୍ୟ ରେ ପିଡିଜି ଗୋଲ୍ୟାନଙ୍କ ସେବାମୂଳକ କାର୍ଯ୍ୟ ଓ ନେତୃତ୍ୱ ଉପରେ ଆଲୋକପାତ କରିଥିଲେ। ଏହା ସହିତ ସମ୍ବଲପୁରର ପୂର୍ବତନ ଗଭର୍ଣ୍ଣର ଶ୍ରୀ ହରଜିତ ସିଂହ ହୁରା, ସହାୟକ ଗଭର୍ଣ୍ଣର ରଞ୍ଜିତ ସିଂହ ହୁରା, ସିବ ପ୍ରସାଦ ପାଢ଼ୀ, ଅରୁଣ କୁମାର ତିବ୍ରେୱାଲ୍ ଓ ପ୍ରମୋଦ କୁମାର ଅଗ୍ରୱାଲ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସୁସଂଘଟିତ ଭାବେ ପରିଚାଳନା କରିଥିଲେ। ଏହିଅବସର ରେ ବିଭିନ୍ନ କ୍ଷେତ୍ର ରେ ଅସାଧାରଣ ଅବଦାନ ରଖିଥିବା ସଦସ୍ୟ ମାନଙ୍କୁ ସମ୍ମାନିତ କରା ଯାଇଥିଲା। ସମ୍ବଲପୁର ର ବିଭିନ୍ନ ରୋଟାରୀ କ୍ଲବର ସଭାପତି, ସମ୍ପାଦକ ସହ ବହୁ ସଦସ୍ୟ, ସାମାଜିକ କର୍ମୀ ଓ ବୁଦ୍ଧିଜୀବୀଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ଗରିମାମୟ କରିଥିଲା।ସମ୍ବଲପୁର ରୋଟାରୀ କ୍ଲବ ସଦସ୍ୟା ଶ୍ରୀମତୀ ସୀମାନ୍ତିକା ଦାସ ଉଦଘୋଷିକା ଭାବେ କାର୍ଯ୍ୟକ୍ରମଟିକୁ ସୁଚାରୁ ଭାବେ ପରିଚାଳନା କରିଥିଲେ। ସମଗ୍ର କାର୍ଯ୍ୟକ୍ରମ ରୋଟାରୀ ର ସେବାମୂଳକ ଦୃଷ୍ଟି କୋଣକୁ ପ୍ରକାଶ କରିଥିବା ସହ ଉପସ୍ଥିତ ମାନଙ୍କ ମନ ରେ ନୂତନ ଉତ୍ସାହ ଓ ପ୍ରେରଣା ସୃଷ୍ଟି କରିଥିଲା ।

ନାକଟିଦେଉଳ ମହାବିଦ୍ୟାଳୟରେ ଓଡିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଅଭିଯାନ

ସମ୍ବଲପୁର,୧୦/୪(ନି/ପ୍ର): ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ଆନୁକୁଲ୍ୟରେ ଓଡିଆ ପକ୍ଷ ପାଳନ ଅବସରରେ ରେଢ଼ାଖୋଲ ଓ ସମ୍ବଲପୁର ବ୍ଲଡ଼ ବେଙ୍କ ସହାୟତା ରେ ରକ୍ତଦାନ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନ ର ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱ ରେ ଆୟୋଜିତ ରକ୍ତଦାନ ସମ୍ପର୍କିତ ସଚେତନତା ସଭାରେ ମୁଖ୍ୟ ଅତିଥି ଭାବରେ ସମ୍ବଲପୁର ଜିଲ୍ଲା ଯୋଜନା କମିଟି ର ସହଯୋଗୀ ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ଦେଓ, ସମ୍ମାନୀତ ଅତିଥି ଭାବେ ନାକଟିଦେଉଳ ବ୍ଲକ୍ ଉନ୍ନୟନ ଅଧିକାରୀ ଆକାଶ ରଞ୍ଜନ ସାହୁ, ରେଢ଼ାଖୋଲ ବ୍ଲଡ଼ ବେଙ୍କ୍ ଅଧିକାରୀ ଡାକ୍ତର ଅଭିଶେକ ଦାଶ ଓ ଟେକ୍ନିସିଆନ୍ ନୃସିଂହ ଚରଣ ବିଶ୍ୱାଳ ଯୋଗ ଦେଇ ଓଡ଼ିଆ ପକ୍ଷରେ ରକ୍ତଦାନ ଶିବୀର ଆୟୋଜନ ର ଯଥାର୍ଥତା, ରକ୍ତଦାନ ର ଆବଶ୍ୟକତା ଏବଂ ନିୟମ ତଥା ରକ୍ତ ବର୍ଗୀକରଣ ସମ୍ପର୍କ ରେ ଆଲୋକପାତ କରିଥିଲେ । ମନୋରମା ଧଳ, ଜାହ୍ନବୀ ଧଳ, କାମଦେବ ପଟେଲ, ଗଣେଶ ରାମ ସେଠ ଓ ଡି ସେଠଙ୍କ ପରିଚାଳନା ତଥା ୟୁଥ୍ ରେଡ଼କ୍ରସର ପରାମର୍ଶଦାତା ଅଧ୍ୟାପକ ଦେବେଶ କୁମାର ବିଶ୍ୱାଳ ଏବଂ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ଡ଼ଃ ଆର ପୁଷ୍ପାଞ୍ଜଳି ଙ୍କ ସଂଯୋଜନା କ୍ରମେ ରକ୍ତଦାନ ଶିବୀର ଅନୁଷ୍ଠିତ ହୋଇଥିଲା । ଅଧ୍ୟାପକ ଭଜମୋହନ ପ୍ରଧାନ, ଅଧ୍ୟାପିକା ଗିରିଶ ବାଳା ନାୟକ, ସମରେନ୍ଦ୍ର ମାଝୀ, ଭବାନୀ ସାହୁ, ଲୋପାମୁଦ୍ରା ଗଡ଼ତିଆ, ଅଜୟ ସାହୁ, ଉମାକାନ୍ତ ପ୍ରଧାନ,ଦିଲିପ ସାହୁ, ସିପୁନ ପ୍ରଧାନ ଓ ଅଶୋକ ଧଳ ସମେତ ମୋଟ୍ ୩୮ ଜଣ ରକ୍ତଦାନ କରିଥିଲେ । ଏହି ଅଭିଯାନରେ ନାକଟିଦେଉଳ ମହାବିଦ୍ୟାଳୟ ର ଅଧ୍ୟାପକ, ଅଧ୍ୟାପିକା, ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର ଗ୍ରୀଷ୍ମ ପ୍ରବାହ ମୁକାବିଲା ପ୍ରସ୍ତୁତି

ଝାରସୁଗୁଡ଼ା,୧୦/୪(ନି/ପ୍ର): ଜିଲ୍ଲାରେ ବଢୁଥିବା ତାପମାତ୍ରା ଓ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହର ସଫଳ ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଛି। ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ଅବଗତ କରିବା ପାଇଁ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଆଜି ଡି.ଏମ୍.ଏଫ୍ ଅଡିଟୋରିୟମ୍‌ରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରିଥିଲେ। ଜିଲ୍ଲାପାଳ ସୂଚନା ଦେଇଛନ୍ତି ଯେ, ପଥିକ ଓ ସାଧାରଣ ଜନତାଙ୍କ ପାଇଁ ଜିଲ୍ଲାର ବିଭିନ୍ନ ବ୍ଲକ ଓ ପୌରାଂଚଳରେ ମୋଟ ୪୯୨ଟି ଜଳଛତ୍ର ଖୋଲାଯିବ। ସେହିପରି ଜଳାଭାବ ଅନୁଭୂତ ହେଉଥିବା ୫୪୯ଟି ସ୍ଥାନରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ ବ୍ୟବସ୍ଥା କରାଯାଇଛି। ଜିଲ୍ଲାରେ ୧୯୨ଟି ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଓ ୭୭୭୭ଟି ନଳକୂପକୁ କାର୍ଯ୍ୟକ୍ଷମ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ୱାଟକୋ ଅଧୀନରେ ଥିବା ୫୦୨ଟି ପ୍ରଡକ୍ସନ ୱେଲ୍ ର ରକ୍ଷଣାବେକ୍ଷଣ କାର୍ଯ୍ୟ ମଧ୍ୟ ଜାରି ରହିଛି। ବିଦ୍ୟୁତ ସେବାକୁ ବ୍ୟାହତ ନକରିବା ପାଇଁ ୧୩,୫୦୦ଟି ଟ୍ରାନ୍ସଫର୍ମର କାର୍ଯ୍ୟ କରୁଥିବା ବେଳେ ପୋଡ଼ି ଯାଇଥିବା ଟ୍ରାନ୍ସଫର୍ମର ବଦଳାଇବା ପାଇଁ ୭୦ଟି ଅତିରିକ୍ତ ଟ୍ରାନ୍ସଫର୍ମର ମହଜୁଦ ରଖାଯାଇଛି। ଶିଳ୍ପ ଓ ଖଣି ଅଂଚଳରେ ଶ୍ରମିକମାନଙ୍କ ପାଇଁ ୫୦ ରୁ ୧୦୦ ଜଣ କ୍ଷମତା ବିଶିଷ୍ଟ ଏସି କିମ୍ବା କୁଲର ଥିବା ବିଶ୍ରାମ ଗୃହ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ସକାଳ ୧୧:୦୦ ରୁ ଅପରାହ୍ନ ୪:୦୦ ପର୍ଯ୍ୟନ୍ତ ଭାରୀ ଯାନ ଲୋଡିଂ ଉପରେ କଟକଣା ଲଗାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ଡାକ୍ତରଖାନାରେ ସ୍ୱତନ୍ତ୍ର 'ହୀଟ୍ ଷ୍ଟ୍ରୋକ ରୁମ୍' ପ୍ରସ୍ତୁତ କରାଯାଇଛି ଏବଂ ଅଙ୍ଗନବାଡ଼ି କର୍ମୀ ଓ ବିଦ୍ୟାଳୟଗୁଡ଼ିକୁ ପ୍ରର୍ଯ୍ୟାପ୍ତ ପରିମାଣର ଓ.ଆର.ଏସ ଯୋଗାଇ ଦିଆଯାଇଛି। ଶିକ୍ଷା ବିଭାଗ ପକ୍ଷରୁ ସକାଳୁଆ ସ୍କୁଲ ସମୟ ସକାଳ ୬:୩୦ ରୁ ୧୦:୩୦ ପର୍ଯ୍ୟନ୍ତ ନିର୍ଦ୍ଧାରିତ କରାଯାଇଛି। ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ଗୃହପାଳିତ ପଶୁଙ୍କ ପାଇଁ ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ପ୍ରାଣୀ ଚିକିତ୍ସାଳୟ ଖୋଲା ରଖିବା ସହ ପାଣି କୁଣ୍ଡର ବ୍ୟବସ୍ଥା କରାଯାଇଛି। ପରିବହନ କ୍ଷେତ୍ରରେ ମଧ୍ୟ କଟକଣା ଜାରି କରାଯାଇଛି; ସକାଳ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଯାତ୍ରୀବାହୀ ବସ୍ ଚଳାଚଳ ଉପରେ ପରିବହନ ବିଭାଗ କଡ଼ା ନଜର ରଖିବେ ଏବଂ ବସରେ ଯାତ୍ରୀ ସଂଖ୍ୟା ସୀମିତ ରହିବା ସହ ପାଣି ଓ ଓ ଆର୍ ଏସ ରଖିବା ବାଧ୍ୟତାମୂଳକ କରାଯାଇଛି। ବିଦ୍ୟୁତ୍ ବିଭାଗକୁ

ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇବା ସହ ଟ୍ରାନ୍ସଫର୍ମର ମରାମତି ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ଜରୁରୀ ପରିସ୍ଥିତିରେ ଯୋଗାଯୋଗ ପାଇଁ ଜିଲ୍ଲା ଜରୁରୀକାଳୀନ ଅପରେସନ ସେଂଟର (ନମ୍ବର: ୦୬୬୪୫-୨୭୨୯୦୨) ଏବଂ ଜରୁରୀ ପ୍ରତିକ୍ରିୟା କେନ୍ଦ୍ର (୬୩୭୦୨-୦୮୮୪୨) କାର୍ଯ୍ୟ କରୁଛି। ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ୪୦୦୦ ପୋଷ୍ଟର ଓ ୧୫୦ ବ୍ୟାନର ବ[ନ କରାଯାଇଛି ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ମୃତ୍ୟୁଞ୍ଜୟ ସବର ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିଆରସିଂହ ଉପସ୍ଥିତ ଥିଲେ।

ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସମୀକ୍ଷା ବୈଠକ

ଝାରସୁଗୁଡ,୧୦/୪(ନି/ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଡି.ଏମ୍.ଏଫ୍ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟତଃ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉପରେ ଆଲୋଚନା କରାଯାଇଥିଲା।ଏହି ସମୀକ୍ଷା ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ମହେଶ ମୋହନ ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ଗାର୍ତିଆ ଏବଂ ସ୍ୱାସ୍ଥ୍ୟ ବିଭାଗର ଅନ୍ୟାନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ବିଭାଗ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ମିଳିତ ସମନ୍ୱୟରେ ଜିଲ୍ଲାରେ ଚାଲିଥିବା ମାତୃ ଓ ଶିଶୁ ମଙ୍ଗଳ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ। ବୈଠକରେ ଜିଲ୍ଲାରେ ଫେବୃଆରୀ ମାସରେ ରିପୋର୍ଟ ହୋଇଥିବା ଜଣେ ମାତୃ ମୃତ୍ୟୁ ଏବଂ ଫେବୃଆରୀ ଏବଂ ମାର୍ଚ୍ଚ ମାସରେ ରିପୋର୍ଟ ହୋଇଥିବା ୭ ଜଣ ଶିଶୁ ମୃତ୍ୟୁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇଥିଲା। ଗତ ବର୍ଷ ତୁଳନାରେ ମାତୃ ମୃତ୍ୟୁ ହାରରେ ହ୍ରାସ ପରିଲକ୍ଷିତ ହୋଇଥିବା ବେଳେ ଶିଶୁ ମୃତ୍ୟୁ ହାର ସମାନ ରହିଛି, ଯାହାକୁ ନେଇ ଜିଲ୍ଲାପାଳ ତୃଣମୂଳ ସ୍ତରରେ କାର୍ଯ୍ୟକୁ ଅଧିକ ଜୋରଦାର କରିବାକୁ ପରାମର୍ଶ ଦେଇଥିଲେ।ଏହି ସମୀକ୍ଷା ବୈଠକ ଅବସରରେ ଜିଲ୍ଲାପାଳ କେତେକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ନିର୍ଦ୍ଦେଶାବଳୀ ଜାରି କରିଥିଲେ। ସେ ସମସ୍ତ ବିପଦପୂର୍ଣ୍ଣ ଗର୍ଭବତୀ ମହିଳା ମାନଙ୍କର ଏକ ସଠିକ୍ ତାଲିକା ପ୍ରସ୍ତୁତ କରି ସେମାନଙ୍କୁ ନିୟମିତ ଟ୍ରାକିଂ କରିବା ସହ ସମସ୍ତ ଗର୍ଭବତୀ ମହିଳା ଏବଂ ବିପଦପୂର୍ଣ୍ଣ ଅଂଚଳରେ ରହୁଥିବା ବ୍ୟକ୍ତିଙ୍କ ପାଇଁ ବାଧ୍ୟତାମୂଳକ ଯକ୍ଷ୍ମା ପରୀକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ସର୍ଭିକାଲ୍ କ୍ୟାନ୍ସର ପ୍ରତିରୋଧ ପାଇଁ ଏଚ୍.ପି.ଭି ଟିକାକରଣ କାର୍ଯ୍ୟକ୍ରମର ବ୍ୟାପକ ପ୍ରସାର ଓ ସଚେତନତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପୁଷ୍ଟିହୀନତା ଦୂରୀକରଣ କ୍ଷେତ୍ରରେ ବିଭିନ୍ନ ଶ୍ରେଣୀର ଶିଶୁଙ୍କୁ ଚିହ୍ନଟ କରି ସେମାନଙ୍କୁ ତୁରନ୍ତ ଏନ୍.ଆର.ସି କୁ ପଠାଇବା ପାଇଁ ନିର୍ଦ୍ଦେଶ ଦେବା ସହ ମାଆ ଓ ଶିଶୁଙ୍କ ପାଇଁ ପୃଥକ ପୃଥକ ଟେକ୍ ହୋମ୍ ରାସନ ପ୍ୟାକେଜିଂ ବ୍ୟବସ୍ଥା ଆରମ୍ଭ କରିବାକୁ ସେ ଗୁରୁତ୍ୱ ଦେଇଥିଲେ। ଜିଲ୍ଲାରୁ ମାତୃ ଓ ଶିଶୁ ମୃତ୍ୟୁ ହାର ସମ୍ପୂର୍ଣ୍ଣ କମାଇବା ପାଇଁ ସମସ୍ତ ବିଭାଗ ମଧ୍ୟରେ ଉନ୍ନମ ସମନ୍ୱୟ ରକ୍ଷା କରିବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ।

ଅଇଁଠାପାଲି ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଜାତୀୟ ପୁରସ୍କାର

ସମ୍ବଲପୁର,୧୦/୪(ନି/ପ୍ର):କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ତରଫରୁ ଅଇଁଠାପାଲି ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର କୁ ସମ୍ମାନ ଜନକ ରାଷ୍ଟ୍ରୀୟ ଗୁଣବତା ସୂଚକ ମାନଦଣ୍ଡ (ଏନ କ୍ୟୁ ଏ ଏସ) ପୁରସ୍କାର ମିଳିଛି ଓ ଗତ ମାର୍ଚ୍ଚ ୨-୩ ତାରିଖ ରେ ଦୁଇ ଜଣିଆ ଜାତୀୟ ଦଳ ଡା. ସୌମ୍ୟ ମଣ୍ଡଳ ଓ ଡା. ଜୋସୁଆ ଅଭିଷେକ ବନଡାଲା ଆସି ଅଇଁଠାପାଲି ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ର ୧୨ ଗୋଟି ବିଭାଗ ର ତର୍ଜମା କରିଥିଲେ ଓ ଏହି ଆକଳନ ସମୟରେ ଡା ପି ହେମାଶ୍ରୀ , ଡା ସନ୍ତୋଷ ସାହୁ (ଅବସର ପ୍ରାପ୍ତ), ଫାରମାସି ଅଫିସର ବିଜୟ ବନଛୋର, ଯାଜ୍ଞସେନୀ ସାହୁ , ପ୍ରଣତି ପୃସେଠ, ସ୍ନେହଲତା ଗରନାୟକ , ବିଜୟ କୁମାର ସାହୁ (ପି ଏଚ ଏମ), ସୌଭାଗ୍ୟ ପାତ୍ର, ତଥା ଅନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ଓ ନଗର କାର୍ଯ୍ୟକ୍ରମ ପରିଚାଳନା ବିଭାଗ ସମ୍ବଲପୁର ତରଫରୁ ଡା ଅଶୋକ ଦାସ (ଅତିରିକ୍ତ ଜିଲ୍ଲା ନଗର ସ୍ୱାସ୍ଥ୍ୟ ଅଧିକାରୀ), ଶ୍ରୀ ମୃତ୍ୟୁଞ୍ଜୟ ମୁଣ୍ଡ (ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ), ଶ୍ରୀ ନିକୁ ରଞ୍ଜନ ପ୍ରତିହାରୀ (ନଗର କାର୍ଯ୍ୟକ୍ରମ ପରିଚାଳକ), ଶ୍ରୀମତୀ ତ୍ୱିଶାଳିନୀ ସାହୁ (ଗୁଣବତା ଅଧିକାରୀ), ଶ୍ରୀ ମଳୟ ରଞ୍ଜନ ପାଣିଗ୍ରାହୀ (ଅତିରିକ୍ତ କାର୍ଯ୍ୟକ୍ରମ ପରିଚାଳକ, ସହରାଂଚଳ) ପ୍ରମୁଖ ଉପସ୍ଥିତ ରହି ତର୍ଜମା ପ୍ରକ୍ରିୟା କୁ ପରିଚାଳନା କରିଥିଲେ ଓ ସମ୍ମାନ ପାଇଁ ଜାତୀୟ ଦଳ ମିଳୁଥିବା ସ୍ୱାସ୍ଥ୍ୟ ସେବା, ଔଷଧ କେନ୍ଦ୍ର, ପାଥୋଲୋଜି, ଡ୍ରେସିଂ ରୁମ, ଫିଜିଓ ଥେରାପି, ଟୀକା କରଣ, ପରିବାର ନିୟୋଜନ ତଥା ପରିଷ୍କାର ପରିଛନ୍ନତା ଆଦି ତଦାରଖ କରିଥିଲେ ଓ ଏହି ଆକଳନ ରେ ସର୍ବମୋଟ ୯୬.୨୫ % ଅଙ୍କ ରଖି ଅଇଁଠାପାଲି ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଉତୀର୍ଣ୍ଣ ହୋଇ ଏହି ସମ୍ମାନ ଜନକ ଏନ କ୍ୟୁ ଏ ଏସ ପୁରସ୍କାର ପାଇବା ପାଇଁ ହକଦାର ହୋଇଛି ଓ ଏହି ପୁରସ୍କାର ପାଇବା ପରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ପ୍ରଦୀପ ହୋତା, ପୁରସ୍କୃତ ଦଳ ତଥା ନଗର କାର୍ଯ୍ୟକ୍ରମ ପରିଚାଳନା ବିଭାଗ, ସମ୍ବଲପୁର କୁ ଶୁଭେଚ୍ଛା ଜଣାଇଛନ୍ତି ।

କୋଲାବ ନଗର ଠାରେ ମାନସିକଧାରୀଙ୍କ ଦଣ୍ଡନାଚ

ଜୟପୁର,୧୦/୪(ନି/ପ୍ର):କୋରାପୁଟ ବ୍ଲକ କୋଲାବ ନଗର ଠାରେ ମାନସିକଧାରୀଙ୍କ ଦଣ୍ଡ ନାଚ ହୋଇଛି । ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ କୋଲାବ ନଗର ସ୍ଥିତ ଜଗନ୍ନାଥ ମନ୍ଦିର ସାମ୍ନା ପ୍ରାଙ୍ଗଣରେ ଦଣ୍ଡ ନାଚ ଅନୁଷ୍ଠିତ ହୋଇଯାଇଛି ।ଆମ ଓଡ଼ିଆଙ୍କ ପରମ୍ପରା ଅନୁଯାଇ, ଚୈତ୍ର ପୂର୍ଣ୍ଣିମା ଠାରୁ ଦକ୍ଷିଣ ଓଡିଶାରେ ଦଣ୍ଡ ନାଚ ଆରମ୍ଭ ହୋଇ ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲିଥାଏ । ଏହିପରିପ୍ରେକ୍ଷୀରେ ମନ୍ଦିର ପରିଚାଳନା କମିଟି ତରଫରୁ ଦଣ୍ଡ ନାଚ ଆୟୋଜନ କରାଯାଇଥିଲା ।ଜୟପୁର ସ୍ଥିତ ପାଇକ ସାହି ମା ଦଣ୍ଡକାଳୀ ମନ୍ଦିରରୁ ପାଟ ଦଣ୍ଡୁଆ ଲକ୍ଷ୍ମଣ ନାୟକ ଓ କାଳିସୀ ବିଶ୍ୱନାଥ ଗୌଡ଼ ଆଜ୍ଞା ମାଳ ନେଇ ଘଂଟ, ଢୋଲ, କାହାଳି ଆଦି ପାରମ୍ପରିକ ବାଦ୍ୟ ବଜାଇ ଆସିଥିଲେ ।କୋଲାବ ନଗର ସ୍ଥିତ ଭୁତ ନଗର ରାମ ଛକ ଠାରୁ ମାନସିକଧାରୀ ଭକ୍ତମାନେ ଦୁବ, ଚାଉଳ, ବରକୋଳି ପତ୍ର, ଶଙ୍ଖା ସିନ୍ଦୁର ଓ କଳାଶାଢ଼ୀ ଦେଇ ମା ଙ୍କୁ ବାଟ ବରଣ କରି ନଗର ପରିକ୍ରମା କରେଇ ଆଣି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆସନ କରାଯାଇଥିଲା ।

ଝାରସୁଗୁଡ଼ା ମହିଳା ମହାବିଦ୍ୟାଳୟରେ 'ଓଡ଼ିଆ ଭାଷା ପକ୍ଷ' ଅବସରରେ ରକ୍ତଦାନ ଶିବିର

ଝାରସୁଗୁଡ଼,୧୦/୪(ନି/ପ୍ର): ଓଡ଼ିଆ ଭାଷା ପକ୍ଷ-୨୦୨୬' ପାଳନ ଅବସରରେ ଆଜି ଝାରସୁଗୁଡ଼ା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଏକ ବିଶାଳ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଆମ ମାତୃଭାଷାର ଗୌରବ ଗାନ ସହ ଜୀବନ ରକ୍ଷା ଭଳି ମହତ କାର୍ଯ୍ୟକୁ ଯୋଡ଼ିବା ପାଇଁ ଏହି ଅଭିନବ ପ୍ରୟାସ କରାଯାଇଛି । ଏହି ଅବସରରେ ଅତିଥିମାନେ ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ଯୁବପିଢ଼ିଙ୍କ ସଂକଳ୍ପବଦ୍ଧତାକୁ ଉଚ୍ଚ ପ୍ରଶଂସା କରିଥିଲେ। ମହାବିଦ୍ୟାଳୟର ଛାତ୍ରୀ ଏବଂ ସ୍ୱେଚ୍ଛାସେବୀମାନେ ସ୍ୱତଃସ୍ଫୁର୍ତ୍ତ ଭାବେ ଏହି ଶିବିରରେ ଅଂଶଗ୍ରହଣ କରି ରକ୍ତଦାନ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତ ଭଣ୍ଡାର ଟିମ୍ ଏବଂ ମହାବିଦ୍ୟାଳୟର କର୍ମକର୍ତ୍ତାଙ୍କ ସହଯୋଗରେ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମ ସ୍ଥଳରେ ଓଡ଼ିଆ ସାହିତ୍ୟର ବିଭିନ୍ନ ସ୍ଲୋଗାନ ଓ ପୋଷ୍ଟର ଜରିଆରେ ସଚେତନତା ସୃଷ୍ଟି କରାଯାଇଥିଲା। ସମସ୍ତ ରକ୍ତଦାତାଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା।

ମେଡିକାଲ କଲେଜକୁ ମରଶରୀର ଦାନ

ପୁରୀ,୧୦/୪(ନି/ପ୍ର): ଏକ ସାର୍ବଜନୀନ ମହତ ଉଦ୍ଦେଶ୍ୟରେ ମେଡିକାଲ କଲେଜରେ ଛାତ୍ରଛାତ୍ରୀଙ୍କ ପାଠପଢା ପାଇଁ ନିଜ ମାତାଙ୍କ ମୃତଶରୀର ଦାନ କରିଛନ୍ତି ପୁରୀ ସହରର ଜଣେ ଶିକ୍ଷାବିତ୍ । ପୁରୀ ଉପର ନୂଆସାହି ନିବାସୀ ସ୍ୱର୍ଗତ ବୈଦ୍ୟନାଥ ମହାନ୍ତିଙ୍କ ଧର୍ମପତ୍ନୀ ରାଧାମଣି ମହାନ୍ତି ଏପ୍ରିଲ ୬ ତାରିଖ ସନ୍ଧ୍ୟାରେ ଦେହତ୍ୟାଗ କରିବା ପରେ ତାଙ୍କ ପରିବାର ପକ୍ଷରୁ ମୃତଶରୀରକୁ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଶରୀର ସର ନା (ଆନାଟୋମି) ବିଭାଗରେ ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ନିମନ୍ତେ ଦାନ କରାଯାଇଛି । ନିଜ ମୃତଶରୀର ଦାନ ପାଇଁ ରାଧାମଣିଙ୍କ ସମେତ ତାଙ୍କର ୪ ପୁତ୍ର ଆଗ୍ରହ ପ୍ରକାଶ କରିବା ସହ ଗତ ଅକ୍ଟୋବର ମାସରେ କଲେଜ କର୍ତ୍ତୃପକ୍ଷଙ୍କୁ ଏକ ଇଚ୍ଛାପତ୍ର ପ୍ରଦାନ କରିଥିଲେ । ଗତ ସୋମବାର ସନ୍ଧ୍ୟାରେ ଦେହ ତ୍ୟାଗ ପରେ ତାଙ୍କର ପୁତ୍ର ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ତଥା ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତର ପ୍ରାଣୀବିଜ୍ଞାନ ପ୍ରାକ୍ତନ ବିଭାଗମୁଖ୍ୟ ପ୍ରଫୁଲ୍ଲ କୁମାର ମହାନ୍ତି, ଶରତ କୁମାର ମହାନ୍ତି, ବସନ୍ତ କୁମାର ମହାନ୍ତି, ରମେଶ କୁମାର ମହାନ୍ତି, କନ୍ୟା ଅନୁପମା ଦାସ ଓ ଅନ୍ୟ ପରିବାର ସଦସ୍ୟମାନେ ରାଧାମଣିଙ୍କ ମରଶରୀରକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଆନାଟୋମି ବିଭାଗ ମୁଖ୍ୟ ତଥା ଉପାଧ୍ୟକ୍ଷ ପ୍ରଫେସର ଡା. ଲଲାଟେନ୍ଦୁ ସାଇଁଙ୍କୁ ହସ୍ତାନ୍ତର କରିଥିଲେ । ଏହି ସମୟର କଲେଜର ନୀତିତାତ୍ତ୍ୱିକ ଭେଷଜ ଓ ବିଷବିଜ୍ଞାନ (ଏଫ୍‌ଏମ୍ ଟି) ବିଭାଗ ମୁଖ୍ୟପ୍ରଫେସର ଡା. ଅମରେନ୍ଦ୍ର ନାୟକ, ବରିଷ୍ଠ ଡାକ୍ତର ଶ୍ରୀକାନ୍ତ ପଣ୍ଡାଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

ବିଦ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ

ମାଲକାନଗିରି,୧୦/୪ :ମାଲକାନଗିରି ସଦର ବ୍ଲକ ଗୌଡ଼ଗୁଡା ପଚାଂୟତ ଏମ୍.ଭି-୯ ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ କରି ବିଦ୍ୟାଳୟ ବଦଳି ପ୍ରମାଣ ପତ୍ର ନ ମିଳିବାରୁ ବିଦ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ ।ସୁଚନା ମୁତାବକ ଏହି ବିଦ୍ୟାଳୟରେ ପୂର୍ବତନ ପ୍ରଧାନଶିକ୍ଷକଙ୍କୁ କିଛି ମାସ ତଳେ ନିଲମ୍ବନ କରା ଯାଇଥିଲା । ଏହା ସତ୍ୱେ ମଧ୍ୟ ନୂତନ ଦାୟିତ୍ୱ ନେଇଥିବା ପ୍ରଧାନ ଶିକ୍ଷକଙ୍କୁ ଦାୟିତ୍ୱ ହସ୍ତାନ୍ତର କରି ନଥିଲେ। । ଶିକ୍ଷା ବିଭାଗ ତରଫରୁ ସ୍ୱତନ୍ତ୍ର ମାଜିଷ୍ଟ୍ରେଟ ନିୟୋଜିତ କରାଯାଇ ଅତିରିକ୍ତ ତହସିଲଦାର ଓ ପୁଲିସ ପ୍ରଶାସନର ଉପସ୍ଥିତିରେ ତାଲା ଭାଙ୍ଗି ନୂତନ ଦାୟିତ୍ୱ ନେଇଥିବା ଶିକ୍ଷୟିତ୍ରୀ ସରସ୍ୱତୀ ପୁଜାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା । ଗତ ସେପଟ୍ମ୍ବର ମାସରେ ଦାୟିତ୍ୱ ହସ୍ତାନ୍ତର କରିବା ପରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଓ ସିଆରସିସିଙ୍କ ଉପସ୍ଥିତିରେ ସମସ୍ତ ନଥିପତ୍ର ହସ୍ତାନ୍ତର କରା ଯାଇଥିବା ବେଳେ ଛାତ୍ରଛାତ୍ରୀଙ୍କ ପ୍ରବେଶିକା ରେଜିଷ୍ଟର ହସ୍ତାନ୍ତର ହୋଇ ନଥିଲା। ଏହି ବିଦ୍ୟାଳୟରେ ୪୬ଜଣ ଛାତ୍ରଛାତ୍ରୀ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ଏବେ ଏହି ଛାତ୍ରଛାତ୍ରୀ ମାନେ ଅଷ୍ଟମ ଶ୍ରେଣୀକୁ ଉତୀର୍ଣ୍ଣ ହୋଇ ଅନ୍ୟ

ରାଜଗାଙ୍ଗପୁରର ବିଭିନ୍ନ ସମସ୍ୟା ନେଇ ରାଜ୍ୟ ବିଜୁ ଜନତା ଦଳ ଜନଜାତି ଉପସଭାପତିଙ୍କ ଜିଲ୍ଲାପାଳଙ୍କୁ ପତ୍ର

ରାଜଗାଙ୍ଗପୁର,୧୦/୪(ନି/ପ୍ର): ଦୀର୍ଘଦିନ ଧରି ରାଜଗାଙ୍ଗପୁରର ବିଭିନ୍ନ ସମସ୍ୟା ଲାଗି ରହିଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାର ସମାଧାନ ପାଇଁ ରାଜ୍ୟ ବିଜୁ ଜନତା ଦଳ ଜନଜାତି ଉପସଭାପତି ମଙ୍ଗଳା କିସାନ ସୁନ୍ଦରଗଡ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ ମଧ୍ଯ, ସେସବୁ ପୂରଣ ହେଉନଥିବାରୁ ପୁନର୍ବାର ଏକ ଦାବିପତ୍ର ମାଧ୍ୟମରେ ପ୍ରଶ୍ନ ଉଠାଇଛନ୍ତି ଶ୍ରୀ କିସାନ। ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀର କୁତ୍ରା ବ୍ଲକ୍, ରାଜଗାଙ୍ଗପୁର ବ୍ଲକ୍, ରାଜଗାଙ୍ଗପୁର ପୌରାଂଚଳ, ଲାଠିକଟା ବ୍ଲକର ବିଭିନ୍ନ ରାସ୍ତା ଯଥା, ପିଡବୁଡି, ଆରଡି ଓ ବ୍ଲକ୍ ରାସ୍ତା ଖରାପ ହୋଇଯାଇଥିଲେ ମଧ ଏହାର ଉନ୍ନତିକରଣ ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ ବୋଲି ଅଭିଯୋଗ କରିଛନ୍ତି ମଙ୍ଗଳା କିଷାନ। ଏହି ୩ଟି ବ୍ଲକ ସମେତ ରାଜଗାଙ୍ଗପୁର ପୌରାଚଂଳର ଥିବା ବୃଦ୍ଧ, ବୃଦ୍ଧା ଓ ମହିଳାମାନେ ଭତା ପାଇଁ ଦୀର୍ଘ ଦୁଇ ବର୍ଷରୁ ଅଧିକ ସମୟ ଅପେକ୍ଷା କରିଥିଲେ ମଧ ସେମାନଙ୍କୁ ଭତ୍ତା ପ୍ରଦାନ କରାଯାଉନାହିଁ ବୋଲି ଅଭିଯୋଗ କରିଛନ୍ତି ମଙ୍ଗଳା କିଷାନ। ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କୁ ୩୫୦୦ ଟଙ୍କା ମିଳିବା ପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ ତାହା ପ୍ରଦାନ କରାଯାଉନାହିଁ ବୋଲି ଅଭିଯୋଗ କରିଛନ୍ତି ଶ୍ରୀ କିଷାନ। ରାଜଗାଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀର ସମସ୍ତ ଅଚଂଳ ସମେତ ସୁନ୍ଦରଗଡ଼ ଜିଲ୍ଲାର ସମସ୍ତ ଅଚଂଳରେ ପାଓ୍ୱାର ପ୍ଲାଟଂରୁ ବିହାରୁଥିବା ଫ୍ଲାଏ ଆସ୍ ପରିପୂର୍ଣ୍ଣ ହେବାଭଳି ଅନୁଭବ ହେଉଛି। ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଶ୍ରୀ କିଷାନ ଦାବି କରିଛନ୍ତି। ରାଜଗାଙ୍ଗପୁର ପୌରାଚଂଳ ସମେତ ବିଭିନ୍ନ ଅଚଂଳରେ ଫ୍ଲାଏ ଓଭର ଅଧାପନ୍ତରିଆ ଭାବେ ପଡିରହିଛି। ଏହାକୁ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବା ପାଇଁ ମଙ୍ଗଳା କିଷାନ ଦାବି କରିଛନ୍ତି। ଦୀର୍ଘ ଦିନ ଧରି ଆଦିବାସୀମାନେ ଜଙ୍ଗଲ ଜମି ପାଇଁ ପଟ୍ଟା ଆବେଦନ କରିଥିଲେ ମଧ ସେମାନଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଉନାହିଁ ବୋଲି ଅଭିଯୋଗ କରିଛନ୍ତି ମଙ୍ଗଳା କିଷାନ। ମଧ୍ୟବିତ ପରିବାରଙ୍କୁ ସରକାର ରାସନ କାର୍ଡ ଦେବା ପାଇଁ ଘୋଷଣା କରିଥିଲେ ମଧ୍ୟ, ସେମାନଙ୍କୁ ରାସନ ପ୍ରଦାନ କରାଯାଉନାହିଁ ବୋଲି ଅଭିଯୋଗ କରିଛନ୍ତି ମଙ୍ଗଳା କିଷାନ।

ରାଉରକେଲା ରୂପଟୋଲା ନିକଟରେ ୧୪୩ ନମ୍ବର୍ ଜାତୀୟ ରାଜପଥ ଅବରୋଧ କଲେ ସ୍ଥାନୀୟ ଲୋକେ। ଗତକାଲି ଅପରାହ୍ନ ରେ ଏକ ଦ୍ରୁତଗାମୀ କାର ଦୁର୍ଘଟଣାରେ ସବିନା ସୁରିନ୍ ନାମକ ଜଣେ ଯୁବତୀଙ୍କ ମୃତ୍ୟୁ ହୋଇ ଯାଇଥିଲା। ଆଜି କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରୂପଟୋଲା ନିକଟରେ ୧୪୩ ନମ୍ବର୍ ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଉଭୟ ପଟେ ବହୁ ଗାଡ଼ି ଅଟକି ରହିଛି। ପାନପୋଷ ଏସ ଡି ପି ଓ ସୁଶାନ୍ତ କୁମାର ଦାସ , ରଘୁନାଥପାଲି ଥାନା ଇନ୍ସପେକ୍ଟର ଘଟଣା ସ୍ଥଳରେ ପହଚିଁ ଲୋକଙ୍କୁ ବୁଝାସୁଝା କରୁଛନ୍ତି।

ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ

ରାଉରକେଲା,୧୦/୪(ନି/ପ୍ର): ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସେକ୍ଟର ୪ ସ୍ଥିତ ରାଉରକେଲା କଲେଜ, ରାଉରକେଲା ଓ ହମିରପୁର ସ୍ଥିତ କଲ୍ୟାଣୀରାୟ ଡିଗ୍ରୀ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ରାଉରକେଲା କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜର ଯୁବ ରେଡକ୍ରସ୍ ଓ ଜାତୀୟ ସେବା ଯୋଜନା ଅନ୍ତର୍ଗତ ଏହି କାର୍ଯ୍ୟକ୍ରମରେ କଲେଜର ଅଧକ୍ଷ ଡ଼ ରବୀନ୍ଦ୍ର କୁମାର ଜେନାଙ୍କ ଅଧକ୍ଷତା କରିଥିଲେ । ରଘୁନାଥପପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଶିବିରକୁ ଉଦଘାଟନ କରିବା ସହ ରକ୍ତଦାନ କିପରି ମହତ ଦାନ ସେ ସମ୍ପର୍କରେ ଛାତ୍ର ଛାତ୍ରୀଙ୍କୁ ଆଶ୍ରିବଚନ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ସାମ୍ବାଦିକ ସତ୍ୟାନନ୍ଦ ବେହେରା ଯୋଗ ଦେଇ ରକ୍ତଦାତା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ୬୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧ୍ୟାପକ ସର୍ବଶ୍ରୀ ରଶ୍ମିରଞ୍ଜନ ରାଉତ, କରୁଣାକର ପାଢଶାଣୀ,ଭାରତୀ ବରୁଆ, ବନ୍ଦନା ସୋରେନ, ବୈଜୟନ୍ତୀ ବାରିକ, ମନୋଜ କୁମାର ଦଳେଇ,ଦୀପାଳୀ ପ୍ରଧାନ,ଏଲିଜା ଲୁଗୁନ, ରଞ୍ଜିତ ପ୍ରଧାନ,ତରଣୀ ନାଏକ, ଅଙ୍କିତା ପାଇକରାୟ,ଅନୁପ ଏକ୍କା, କଲ୍ୟାଣୀ ରାୟ ମହାବିଦ୍ୟାଳୟର ପ୍ର ଅଭିରାମ ସାଗରିଆ,ପ୍ର ସେ।ମ୍ୟରଞ୍ଜନ ଦାସ ଓ ଯୁବ ରେଡକ୍ରସ୍ ତରଫରୁ ଦେବସ୍ମିତା,ଆରୁଷୀ,ଅଜୟ,କାହ୍ନା, ଅନ୍ୱେଷା, ସିଦ୍ଧାର୍ଥ, ସ୍ୱପ୍ନା, ଚାନ୍ଦିନୀ ପ୍ରମୁଖ ଓ ଆରଜିଏଚ ର ଡା ମାଏସା ସୋରେନ ଓ ତାଙ୍କ ଗୃପର ସଦସ୍ୟ ମାନେ ସହଯୋଗ କରିଥିଲେ। ସେହିପରି ରାଉରକେଲା କଲେଜ ପରିସରରେ ବହୁ ପ୍ରତିକ୍ଷିତ ଡିଜିଟାଲ ଘଡି ଉଦଘାଟନ କରାଯାଇଥିଲା। ଅଧକ୍ଷ ଡ ଜେନା, ବରିଷ୍ଠ ସାମ୍ବାଦିକ ସତ୍ୟାନନ୍ଦ ବେହେରା ଓ କୁଞ୍ଜବିହାରୀ ରାଉତ ଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ସମାପନ କରାଯାଇଥିଲା। ଏଥିରେ କଲେଜର ଅଧାପକ ଅଧାପିକା ମାନେ ଉପସ୍ଥିତ ଥିଲେ।

୮୮ ବର୍ଷୀୟ ବୃଦ୍ଧ ପିତାଙ୍କୁ ଖାଇବାକୁ ନଦେଇ ମାରଧର କରୁଛି ପୁଅ :

ଥାନାରେ ଝିଅମାନଙ୍କ ସହିତ ବୃଦ୍ଧ ପିତା

ରାଉରକେଲା,୧୦/୪(ନି/ପ୍ର): ପାନପୋଷ ହକି ହଷ୍ଟେଲ ଓ ହକି ଫିଲଡ୍ କିଷାନ ଟୋଲା ବସ୍ତିରେ ନିଜ ପୁଅ ଓ ବୋହୁଙ୍କ ସହିତ ରୁହନ୍ତି ୮୮ ବର୍ଷୀୟ ବୃଦ୍ଧ ବାବାଓ ଦୋରା। ପୂର୍ବରୁ ବାବାଓ ଦୋରା ରାଉରକେଲା ଇସ୍ପାତ କାରଖାନା ଅଧିନରେ କାର୍ଯ୍ୟ କରି ଅବସର ଗ୍ରହଣ କରିବା ପରେ ଛେଣ୍ଡ କଲୋନୀର ନବନିର୍ମିତ କଳିଙ୍ଗବିହାର ସ୍ଥାପନ ହେବା ପରେ ସେଠାକୁ ଆସି ୧୦/୧୫ଟି ଗାଈ ରଖି ରୋଜଗାର କରୁଥିଲେ। ସେ ସମୟରେ ବାବାଓ ଦୋରା, ତାଙ୍କ ସ୍ତ୍ରୀ, ଦୁଇଟି ଅବିବାହିତ ଝିଅ ଏବଂ ଏକମାତ୍ର ପୁଅ ରହୁଥିଲେ। ଶ୍ରୀ ଦୋରା ଆଗରୁ ଦୁଇଟି ଝିଅଙ୍କୁ ବିବାହ ଦେଇସାରିଥିଲେ। କଳିଙ୍ଗବିହାରରେ ରହିଥିବା ସମୟରେ ଆଉ ଗୋଟିଏ ଝିଅକୁ ବାହା କରାଇଥିଲେ ଏବଂ ଆରଡିଏ କଲୋନୀର ଏକ ପ୍ଲଟ ନେଇ ତିନିମହଲା କୋଠା ନିର୍ମାଣ କରି ଭଡାକୁ ଲଗାଇବା ପରେ, ପାନପୋଷ ହକି ହଷ୍ଟେଲ ଫିଲଡ୍ ନିକଟରେ ଏକ ଜାଗାରେ ଘରକରି ରହିବା ସହିତ ପୁଅକୁ ମଧ୍ୟ ବାହା କରାଇଥିଲେ। ପ୍ରାୟ ବର୍ଷେ ପୂର୍ବରୁ ବାବାଓ ଦୋରାଙ୍କ ସ୍ତ୍ରୀ ମରିଯିବା ପରେ ତାଙ୍କ ପୁଅ ଶଙ୍କର ଦୋରା ଓ ବୋହୁ ବାବାଓ ଦୋରାଙ୍କୁ ଅଣଦେଖା କରିବା ସହିତ ତାଙ୍କୁ ଖାଇବାକୁ ନଦେଇ ମାରଧର କରି ପ୍ରାୟ ୧୫ ଦିନ ହେବ ଘରୁ ବହାର କରିଦେଇଛନ୍ତି। ଏ ବିଷୟ ନେଇ ୮୮ ବର୍ଷୀୟ ବାବାଓ ଦୋରା ରଘୁନାଥପାଲ୍ଲୀ ଥାନାରେ ଗତ ୨୦୨୬ ଅପ୍ରେଲ ୭ ତାରିଖ ଦିନ ଅଭିଯୋଗ କରିଥିଲେ ମଧ ରଘୁନାଥପାଲ୍ଲୀ ପୋଲିସ୍ ୮୮ ବର୍ଷୀୟ ବୃଦ୍ଧ ପିତାଙ୍କ ପ୍ରତି ପୁତ୍ର ଓ ପୁତ୍ରବଧୂର ଅମାନବୀୟ ଘଟଣାକୁ ସଙ୍ଗୀନ ନନେଇ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ବୋଲି ଅଭିଯୋଗ ଆସିବା ପରେ କେତେକ ସାମ୍ବାଦିକଙ୍କ ପକ୍ଷରୁ ରଘୁନାଥପାଲ୍ଲୀ ଥାନାର ରିସେପସନ ଦାୟିତ୍ୱରେ ଥିବା ମହିଳା ସବ୍‌ଇନିସପେକ୍ଟରଙ୍କୁ ଭେଟିଥିଲେ। ରଘୁନାଥପାଲ୍ଲୀ ରିସେପସନ୍ ଦାୟିତ୍ୱରେ ଥିବା ମହିଳା ସବ୍‌ଇନିସପେକ୍ଟର, ୮୮ ବର୍ଷୀୟ ବୃଦ୍ଧ ପିତାଙ୍କ ୪ ଝିଅଙ୍କୁ ଡାକି ଜମିଜମା ଘଟଣା କହି ଅଭିଯୋଗକୁ ଆଡେଇ ଦେବା ସହ ବୃଦ୍ଧ ବାବାଓ ଦୋରାଙ୍କ ପୁଅ ଶଙ୍କର ଦୋରାଙ୍କୁ ନଡାକି ଅଭିଯୋଗକୁ ଟାଳି ଦେଇଛନ୍ତି। ସାମ୍ବାଦିକମାନଙ୍କ ପକ୍ଷରୁ ପ୍ରତ୍ଯେକ୍ଷରେ ୮୮ ବର୍ଷୀୟ ବାବାଓ ଦୋରାଙ୍କ ୪ ଝିଅଙ୍କୁ ଭେଟିବା ପରେ, ସାମ୍ବାଦିକମାନେ ରଘୁନାଥପାଲ୍ଲୀ ଥାନା ଅଧିକାରୀଙ୍କୁ ଭେଟି ଥିଲେ। ଥାନା ଅଧିକାରୀ ଘଟଣାର ତଦନ୍ତ କରିବା ସହିତ ୮୮ ବର୍ଷୀୟ ବାବାଓ ଦୋରାଙ୍କ ସମ୍ପୃକ୍ତ ପୁଅକୁ ଡାକି ଘଟଣାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଯେ, ବୃଦ୍ଧ ବାପାଙ୍କ ପ୍ରତି ପୁଅ ଓ ବୋହୂର କଣ କିଛି କର୍ତ୍ତବ୍ୟ ନାହିଁ। ଆଗକୁ କଣ ମାନବ ସମାଜରେ ପୁଅଙ୍କ ବାପାଙ୍କ ପ୍ରତି ଅମାନବୀୟ ଅତ୍ଯାଚାର ବୃଦ୍ଧି ପାଇବ ! ଆଇନରେ ବୃଦ୍ଧ ପିତାଙ୍କ ପ୍ରତି ନ୍ୟାୟ ଦେବାର ବ୍ୟବସ୍ଥା ଥିଲେ ମଧ୍ୟ ପୋଲିସ୍ ପକ୍ଷରୁ ଏହାକୁ ଅଣଦେଖା କରାଯାଇ ଆଡେଇ ଦିଆଯିବା ସହିତ ଆଇନର ବ୍ୟବସ୍ଥାକୁ ଦୁର୍ବଳ କରିଦେବ !

ବାଇକ ଚୋର ଗିରଫ, ବାଇକ ଉଦ୍ଧାର

ମାଲକାନଗିରି,୧୦/୪(ନି/ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ବେଜଙ୍ଗୀୱାଡା ଗ୍ରାମ ନିକଟରୁ ଚୋରି ହୋଇଥିବା ଏକ ବାଇକ ଚୋରି ଘଟଣାରେ କାଲିମେଳା ପୁଲିସ ଚୋରକୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ଚୋରି ବାଇକଟିକୁ ଉଦ୍ଧାର କରିଛି । ସୂଚନା ମୁତାବକ ବେଜଙ୍ଗୀୱାଡା ସ୍କୁଲର ଶିକ୍ଷକ ସହଦେବ ସାହୁ ବେଜଙ୍ଗୀୱାଡା ଠାରେ ଏକ ଭଡ଼ା ଘରେ ରହୁଥିବା ବେଳେ ଘର ଆଗରେ ନିଜର ବାଇକ ରଖିଥିଲେ। ବାଇକଟି ଗତ ରବିବାର ରାତିରେ ଚୋରି ହୋଇଯାଇଥିଲା । ଶିକ୍ଷକ ସହଦେବ ଏ ବାବଦରେ କାଲିମେଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ମୂଳେ ପୁଲିସ ତଦନ୍ତ ଆରମ୍ଭ କରି ବେଜଙ୍ଗୀୱାଡା ଗ୍ରାମର ଡି ପ୍ରକାଶ ରାଓଙ୍କୁ ଗିରଫ କରିଥିବା ବେଳେ ତାଙ୍କ ଠାରୁ ଏକ ହୋଣ୍ଡା ଲିଭୋ ବାଇକ ଓଡି ୩୫ଏଫ୨୦୧୩ ଏବଂ ୫୦,୦୦୦ ଟଙ୍କା ଜବତ କରିଥିଲେ ।

ଓଡିଶାର ଲୋକକଳା ଉଜ୍ଜିବୀତ ରହୁ: ଶୈଳଶ୍ରୀବିହାରରେ ଓଡିଆ ପକ୍ଷ ପାଳିତ

ଭୁବନେଶ୍ବର,୧୦।୪(ନି/ପ୍ର): ରାଜ୍ୟ ସରକାରଙ୍କ ପକ୍ଷରୁ ଅପ୍ରେଲ ୧ ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡିଆ ପକ୍ଷ ପାଳନ କରାଯାଉଛି। ଏହି ଅବସରରେ ଶୈଳଶ୍ରୀବିହାର ସ୍ଥିତ ଜୋଭିଆଲ୍ ସ୍କଲରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ସ୍କୁଲର ଅଦ୍ଧକ୍ଷା ଯମୁନା ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଆ ଭାଷା, ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତିର ଗବେଷକ ତଥା ଲେଖକ ସୁଦର୍ଶନ ସାହୁ ମୁଖ୍ୟ ଅତିଥି, ବିଜେପି ନେତ୍ରୀ ପ୍ରତିଭାମୟୀ ପାଣି ମୁଖ୍ୟବକ୍ତା ଓ ଉ ର ଭୁବନେଶ୍ୱର ସାହିତ୍ୟିକ ଓ ପାଠକମ ର ସଭାପତି ବ୍ରହ୍ମାନନ୍ଦ ସାହୁ ଯୋଗଦେଇ ଓଡିଶାର ସାହିତ୍ୟ, ସଂସ୍କୃତି, ପରମ୍ପରା ଓ ଲୋକକଳାକୁ ଉଜ୍ଜିବୀତ ରଖିବା ପାଇଁ ସମସ୍ତେ ପ୍ରୟାସ କରିବା ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ସ୍କୁଲର କୁନିକୁନି ପିଲାମାନେ ଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ ବିଭିନ୍ନ ନୃତ୍ୟ, ଲୋକନୃତ୍ୟ ପରିବେଷଣ କରିଥିଲେ। ଶକ୍ଷୟିତ୍ରୀ ରୋଶନୀ ସାମୁଏଲ ଧନ୍ୟବାଦ ଅର୍ପଣ କରିଥିଲେ।

ଏକାଡେମିକ୍ ସ୍କୁଲରେ ନୂତନ ଅଧକ୍ଷ

ଭଦ୍ରକ,୧୦/୪(ନି/ପ୍ର): ଭଦ୍ରକ ଜିଲ୍ଲା ଗଣିଜାଙ୍ଗସ୍ଥିତ ଏକାଡେମିକ୍ ଇଂଟର ନ୍ୟାସନାଲ୍ ସ୍କୁଲରେ ନୂତନ ଅଧକ୍ଷ ଭାବେ ଗୌରାଙ୍ଗ ଚରଣ ନାୟକ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଶ୍ରୀ ନାୟକ ହାଟଡିହି କଲେଜରୁ ଅବସର ନେବା ପରେ ଜିଲ୍ଲାର ଏହି ଅଗ୍ରଣୀ ଶିକ୍ଷାନୁଷ୍ଠାନରେ କାର୍ଯ୍ୟଭାର ଗ୍ରହଣ ପୂର୍ବକ ଶୈକ୍ଷିକ ବାତାବରଣକୁ ସର୍ବାଗ୍ରେ ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଗତ ୨ ତାରିଖ ଶ୍ରୀ ନାୟକ ନାରାୟଣ ଚନ୍ଦ୍ର ପତି ଏଜୁକେସନାଲ୍ ଟ୍ରଷ୍ଟର ଚେୟାରମ୍ୟାନ୍ ଦୈତାରୀ ଚରଣ ପତିଙ୍କ ଠାରୁ ଦାୟିତ୍ୱ ନେଇଛନ୍ତି । ଉକ୍ତ ବିଦ୍ୟାଳୟକୁ ବିଭିନ୍ନ କ୍ଷେତ୍ରରେ ଅଗ୍ରଣୀ ଶିକ୍ଷାନୁଷ୍ଠାନର ମାନ୍ୟତା ନେଇ କାର୍ଯ୍ୟ କରିବେ ବୋଲି ସେ କହିଥିବା ବେଳେ ଏଥିପାଇଁ ଶିକ୍ଷକ, ଶିକ୍ଷିକା,କର୍ମଚାରୀ ଓ ପରିଚାଳନା କମିଟିର ସଭ୍ୟ ସଭ୍ୟାଙ୍କ ସହଯୋଗ ଲୋଡୁଛନ୍ତି । କାର୍ଯ୍ୟଭାର ଗ୍ରହଣ ବେଳେ ପୂର୍ବତନ ଶିକ୍ଷକ ରମାକାନ୍ତ ତ୍ରିପାଠୀ, ସେକ୍ ଅବଦୁଲ୍ ସଲିମ୍, ପରିଚାଳନା କମିଟିର ସଂଯୁକ୍ତା ପଣ୍ଡା, ବୈକୁଣ୍ଠ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

ସେଲ୍, ଆରଏସପିର ନର୍ସିଂ ତାଲିମ ପ୍ରତିଷ୍ଠାନରେ ଅତ୍ୟାଧୁନିକ କମ୍ପ୍ୟୁଟର ଲ୍ୟାବ୍

ରାଉରକେଲା,୧୦/୪(ନି/ପ୍ର):ଡିଜିଟାଲ୍ ଶିକ୍ଷାକୁ ସୁଦୃଢ଼ କରିବା ଏବଂ ନର୍ସିଂ ପ୍ରଶିକ୍ଷାର୍ଥୀଙ୍କ ପ୍ରଯୁକ୍ତିବିଦ୍ୟା ଦକ୍ଷତା ବୃଦ୍ଧି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ସେଲ୍, ରାଉରକେଲା ଷ୍ଟିଲ୍ ପ୍ଲାଟଂ (ଆରଏସପି), ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଅଇଜିଏଚ), ଅନ୍ତର୍ଗତ ନର୍ସିଂ ତାଲିମ ପ୍ରତିଷ୍ଠାନ (ଏନଟିଆଇ) ଠାରେ ଏକ ଅତ୍ୟାଧୁନିକ କମ୍ପୁଟର ଲ୍ୟାବ୍ ପ୍ରତିଷ୍ଠା କରିଛି। ଡକ୍ଟର ଜୟନ୍ତ କୁମାର ଆଚାର୍ଯ୍ୟ, ସିଏମଓ ଇନଚାର୍ଜ (ଏମଆଣ୍ଡଏଚଏସ) ଏନଟିଆଇ ପରିସରରେ ଏହି ଲ୍ୟାବ୍ ଉଦଘାଟନ କରିଛନ୍ତି। ଏହି ଅବସରରେ ଅନ୍ୟ ବରିଷ୍ଠ ଡାକ୍ତର, ନର୍ସ, ଏନଟିଆଇର ଅଧାପକ, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଡକ୍ଟର ଆଚାର୍ଯ୍ୟ ଏହି ପଦକ୍ଷେପକୁ ପ୍ରଶଂସା କରି, ଆଧୁନିକ ସ୍ୱାସ୍ଥ୍ୟସେବା ଏବଂ ନର୍ସିଂ ଶିକ୍ଷାରେ ଡିଜିଟାଲ୍ ଦକ୍ଷତାର ବର୍ଦ୍ଧିତ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ନୂତନ ଭାବରେ ପ୍ରତିଷ୍ଠିତ ଏହି ଲ୍ୟାବ୍ ୧୦ଟି କମ୍ପୁଟର ସହିତ ସଜ୍ଜିତ ଏବଂ ଏକ ସମୟରେ ୨୦ ଜଣ ଛାତ୍ରଛାତ୍ରୀଙ୍କୁ ତାଲିମ ଦେବାର କ୍ଷମତା ରଖିଛି, ଯାହା ନର୍ସିଂ ପ୍ରଶିକ୍ଷାର୍ଥୀଙ୍କ ପାଇଁ ସୁଗମ ଏବଂ ସହଳ ଶିକ୍ଷା ସୁନିଶ୍ଚିତ କରୁଛି । ଉଲ୍ଲେଖଯୋଗ୍ୟ ଯେ ଆରଏସପିର ଶିକ୍ଷା ଏବଂ ବିକାଶ ବିଭାଗ ତାଲିମ ପାଇଁ ଅଧାପକ ସହାୟତା ପ୍ରଦାନ କରିବ, କାର୍ଯ୍ୟକ୍ରମର ଗୁଣବତା ଏବଂ ପ୍ରଭାବକୁ ଆହୁରି ସୁଦୃଢ଼ କରିବ। ଉଲ୍ଲେଖନୀୟ ଯେ, ଗୁଣାତ୍ମକ ନର୍ସିଂ ଶିକ୍ଷା ପ୍ରତି ଏନଟିଆଇ ର ପ୍ରତିବଦ୍ଧତାର ଅଂଶ ଭାବରେ ବିକଶିତ ଏହି ଆଧୁନିକ କମ୍ପୁଟର ଲ୍ୟାବ୍, ନର୍ସିଂ ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରେ ଉନ୍ନତ ଡିଜିଟାଲ୍ ଏକ୍ସପୋଜର ପ୍ରଦାନ କରିବା ଏବଂ ପ୍ରଯୁକ୍ତିବିଦ୍ୟା-ଚାଳିତ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ। ଉଦ୍ଘାଟନ କାର୍ଯ୍ୟକ୍ରମକୁ ସଂଯୋଜନା କରି ଥିଲେ ଏନଟିଆଇ ର ପ୍ରିନ୍ସିପାଲ୍ ସୁଶ୍ରୀ ବିଦ୍ୟୁତ୍ ପ୍ରଭା ଗୋଥ୍ ।

ଦୀପିକା ଇସ୍ପାତ ଶିକ୍ଷା ସଦନରେ ଖଡି ଛୁଆଁ ଏବଂ ପ୍ରବେଶ ଉତ୍ସବ

ରାଉରକେଲା,୧୦/୪(ନି/ପ୍ର):ଦୀପିକା ଇସ୍ପାତ ଶିକ୍ଷା ସଦନ (ଡ଼ିଆଇଏସଏସ) ରେ ସମୁଦାୟିକ କଲ୍ୟାଣ ଏବଂ ଗୁଣାତ୍ମକ ଶିକ୍ଷା ପ୍ରତି ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ଲକ୍ଷ୍ୟରେ, ଏପ୍ରିଲ ୦୨ ତାରିଖ ଦିନ ନୂତନ ଶିକ୍ଷାବର୍ଷ ଆରମ୍ଭ ଅବସରରେ ଶିଶୁ ଭାଟିକା ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଖଡି ଛୁଆଁ ଏବଂ ପ୍ରବେଶ ଉତ୍ସବ ଆୟୋଜିତ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଇସ୍ପାତ ସହରର ଅବହେଳିତ ପିଲାମାନଙ୍କ ପାଇଁ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଦ୍ୱାରା ପ୍ରତିଷ୍ଠିତ ଏହି ଦେୟମୁକ୍ତ ବିଦ୍ୟାଳୟ ଦୀପିକା ମହିଳା ସଂଘତି ଦ୍ୱାରା ପରିଚାଳିତ ହେଉଛି। ଏହି କାର୍ଯ୍ୟକ୍ରମରେ ଡ଼ିଏମଏସ ର ଅଧକ୍ଷା ଶ୍ରୀମତୀ ନମ୍ରତା ବର୍ମା ଅଧକ୍ଷତା କରିଥିଲେ। ଏହି ଅବସରରେ ଡ଼ିଏମଏସ ର ଉପାଧକ୍ଷା ଶ୍ରୀମତୀ ପ୍ରାଭାତି ମିଶ୍ର, ଶ୍ରୀମତୀ ସ୍ମିତା ଗିରି, ଡକ୍ଟର ଶ୍ରୀମତୀ ପ୍ରତିଜ୍ଞା ପଲାଇ, ଶ୍ରୀମତୀ ରୀତା ରାଣୀ ଏବଂ ଶ୍ରୀମତୀ ନବନୀତା ପାଲ ଚୌଧୁରୀ, ସିଏସଆର ବିଭାଗର ଡ଼ିଜିଏମ ଶ୍ରୀ ଆର.ଏସ୍. ବାରା, ଡ଼ିଏମଏସ ର ସଚିବ ଶ୍ରୀମତୀ ସାରିକା କୁମାର, ପରିଚାଳନା ମଣ୍ଡଳୀର ଅନ୍ୟାନ୍ୟ ସଦସ୍ୟ, ଆରଏସପି-ସିଏସଆର ବିଭାଗର ଅଧିକାରୀମାନଙ୍କ ସହ ଡ଼ିଆଇଏସଏସ ର ପ୍ରିନ୍ସିପାଲ, ଶିକ୍ଷକ ଏବଂ ଛାତ୍ରଛାତ୍ରୀ ମଧ ଉପସ୍ଥିତ ଥିଲେ। ଏହି ଅବସରରେ, ଶ୍ରୀମତୀ ନମ୍ରତା ବର୍ମା ଶିଶୁ ଭାଟିକା ପିଲାମାନଙ୍କ ପାଇଁ ନୂତନ ଭାବେ ବିକଶିତ ଏକ ଖେଳଗୃହ ମଧ ଉଦଘାଟନ କରିଥିଲେ। ଶୈଶବ ଶିକ୍ଷା ପାଇଁ ଏକ ଆନନ୍ଦଦାୟକ ଏବଂ ଆକର୍ଷଣୀୟ ପରିବେଶ ପ୍ରଦାନ କରିବା ଏହି ଖେଳ ଗୃହର ମୁଖ୍ୟ ଲକ୍ଷ୍ୟ ରହିଛି।